## କରୋନା ଆକ୍ରାନ୍ତଙ୍କ ମୃତ୍ୟୁ

**ମାହାଙ୍ଗା,(ସ୍ୱ.ପ୍ର.):** କଟକ ଜିଲା ମାହାଙ୍ଗା ବ୍ଲକରେ ଜଣେ କରୋନା ଆକ୍ରାନ୍ତଙ୍କ ଗୁରୁବାର ମୃତ୍ୟୁ ଘଟିଛି। ପରେ ବ୍ଲକ ଅଧ୍ୟକ୍ଷ ଶରତ ନାୟକ ଓ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବିଭ ପରିଚାଳକ ସନ୍ତୋଷ କୁମାର ଶତପଥୀ, ମୃତକଙ୍କ ପୁଅ ଓ ଝିଅ ପିପିଇ କିଟ୍‌ ପିନ୍ଧି ଗ୍ରାମ ଶ୍ମଶାନରେ ମୃତଦେହ ସତ୍କାର କରିଛନ୍ତି। ଶ୍ରୀକୃଷ୍ଣପୁର ପଞ୍ଚାୟତର ଏହି ବ୍ୟକ୍ତି ଜଣକ ପୂର୍ବରୁ କିଡ୍‌ନୀ ରୋଗରେ ଆକ୍ରାନ୍ତ ଥିଲେ। ସେ କଟକ ବଡ଼ମେଡିକାଲରେ ବହୁ ଦିନ ଧରି ଚିକିତ୍ସିତ ହେବାପରେ ନିକଟରେ ଘରକୁ ଫେରିଥିଲେ। ସେଠାରେ ଚିକିତ୍ସା ସମୟରେ କରୋନାରେ ଆକ୍ରାନ୍ତ ଥିବା ଜଣାପଡ଼ିଥିଲା ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିଭ ପରିଚାଳକ ଶତପଥୀ ସୂଚନା ଦେଇଛନ୍ତି।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ପ୍ରୟାସ ଅନୁଷ୍ଠାନ ପକ୍ଷରୁ ବାର୍ଷିକ ସଭା, ଲୋହିଆ ଏକାଡେମୀ, ୟୁନିଟ-୯, ସକାଳ ୯ଟା ୩୦।
- ଭାରତୀୟ ମଜଦୁର ସଂଘର ତ୍ରୟବାର୍ଷିକ ପ୍ରାଦେଶିକ ଅଧିବେଶନ, ପ୍ରଭୁଜି ଇଂଲିଶ ମିଡିୟମ, ଭିଏସ୍‌ଏସ୍‌ ନଗର, ପୂର୍ବାହ୍ନ ୧୦ଟା ୩୦।
- ଆଇନା ଅନୁଷ୍ଠାନ ପକ୍ଷରୁ 'ଧ୍ୱନୀ' ଫିଲ୍ମ ଫେଷ୍ଟ, ଜିକେସିଏମ୍‌ ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ଜୟଦେବ ବିହାର, ପୂର୍ବାହ୍ନ ୧୦ଟା ୩୦।
- ଲୁଲୁ ମହାପାତ୍ର ରାଜ୍ୟସ୍ତରୀୟ ସ୍ମୃତି କମିଟି ପକ୍ଷରୁ ସାଧାରଣ ବୈଠକ, ରୋଟାରୀ କ୍ଲବ, ଚିତ୍ରକୁଟ ମଠ, ରୋଡ୍‌ ୮, ୟୁନିଟ-୯, ମଧ୍ୟାହ୍ନ ୧୨ଟା ୩୦।
- ପ୍ରାବନ୍ଧିକ ପ୍ରଫେସର ଡ.ନିଶାମଣି ମିଶ୍ରଙ୍କ ଜୟନ୍ତୀ ଏବଂ ପ୍ରଥମ ସ୍ମାରକୀ ବକ୍ତୃତାମାଳା, ବୁଦ୍ଧ ମନ୍ଦିର, ୟୁନିଟ-୯, ସନ୍ଧ୍ୟା ୬ଟା।

**ବାଲିଅନ୍ତା**

- ପଞ୍ଚବଟୀ ଦୋଳମେଳଣ ଅବସରରେ ସଂକୀର୍ତ୍ତନ ପରିବେଷଣ, ପଞ୍ଚବଟୀ ପୀଠସ୍ଥିତ ବଟେଶ୍ୱର ମହାଦେବ ମନ୍ଦିର ପରିସର, ଅପରାହ୍ନ ୩ଟା।

**ପୁରୀ**

- ଶ୍ରୀକ୍ଷେତ୍ର ଐତିହ୍ୟ ଓ ପରମ୍ପରା ପୁସ୍ତକ ଲୋକାର୍ପଣ ଉତ୍ସବ, ୟୁଥ୍‌ ହଷ୍ଟେଲ ସମ୍ମିଳନୀ କକ୍ଷ, ୧୦ଟା ୩୦।

**ନିମାପଡ଼ା**

- ପିଙ୍ଗଳାକ୍ଷୀ ପବ୍ଲିକ ୱେଲଫେୟାର ଅର୍ଗାନାଇଜେଶନ ପକ୍ଷରୁ ଦିବ୍ୟାଙ୍ଗଙ୍କୁ ଉପକରଣ ବଣ୍ଟନ ମେଳା, ନିମାପଡ଼ା ଟାଉନ୍‌ ହଲ, ଅପରାହ୍ନ ୨ଟା।

# ୨ମାସରେ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ

### ସାଇବର ଠକେଇ ରୋକିବାରେ ପୋଲିସ ବିଫଳ



- ସାଇବର ହେଲ୍ପ ଡେସ୍କକୁ ଆସିଛି ୧୪୧୩ କଲ୍‌
- ୨୯ ମାମଲା ରୁଜୁ, ଗିରଫ ଘର ଶୂନ

**ଭୁବନେଶ୍ୱର,୧।୪(ବ୍ୟୁରୋ)**

ରାଜ୍ୟରେ ସାଇବର ଠକେଇ ରୋକିବାରେ ରାଜ୍ୟ ପୋଲିସ ବିଫଳ ହୋଇଛି। କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଉ ନ ଥିବାରୁ ସାଇବର ଠକମାନେ ସକ୍ରିୟ ହୋଇଉଠିଛନ୍ତି। ତଦନ୍ତରେ ବୈଷୟିକ ଜ୍ଞାନକୌଶଳର ଅଭାବ ଓ ଲୋକଙ୍କ ଅସଚେତନତାର ଫାଇଦା ଉଠାଉଛନ୍ତି ସେମାନେ। ୨ ମାସରେ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଲୁଟି ନେଲେଣି ସାଇବର ଠକ। ଭୁବନେଶ୍ୱର କମିଶନରେଟ ପୋଲିସ ସାଇବର ହେଲ୍ପ ଡେସ୍କ ରିପୋର୍ଟ କାର୍ଡରୁ ଏହା ଜଣାପଡିଛି।

ରିପୋର୍ଟ ଅନୁଯାୟୀ ୨୦୨୧ ଫେବୃୟାରୀ ଓ ମାର୍ଚ୍ଚ ଦୁଇ ମାସରେ ୨ କୋଟି ୪ ଲକ୍ଷ ୭୮ ହଜାର ଟଙ୍କାର ଠକେଇ ହୋଇଛି। ଫେବୃୟାରୀରେ ୧କୋଟି ୨୦ ଲକ୍ଷ ଓ ମାର୍ଚ୍ଚରେ ୮୪ଲକ୍ଷ ୭୮ ହଜାର ଟଙ୍କା ରହିଛି। ସେହିପରି ଏହି ୨ମାସରେ ସାଇବର ହେଲ୍ପ ଡେସ୍କକୁ ୧୪୧୩ କଲ୍‌ ଆସିଛି। ଫେବୃୟାରୀରେ ୭୮୪ ଓ ମାର୍ଚ୍ଚରେ ୬୨୯ ଅଭିଯୋଗ ରହିଛି। ଏଥିମଧ୍ୟରୁ ଭୁବନେଶ୍ୱରରୁ ୬୩୨ ଫୋନ୍‌ କଲ୍‌ ଓ ରାଜ୍ୟର ଅନ୍ୟ ସ୍ଥାନରୁ ୭୮୧ଟି କଲ୍‌ କରାଯାଇଛି। ପୋଲିସ ପକ୍ଷରୁ ୨୯ଟି ମାମଲା ରୁଜୁ କରିଥିଲେ ମଧ୍ୟ କାହାକୁ ଗିରଫ କରାଯାଇନି। ତେବେ ସାଇବର ଠକମାନେ ୟୁପିଆଇ ଆଇଡି ମାଧ୍ୟମରେ ସର୍ବାଧିକ ଠକେଇ କରିଛନ୍ତି। ଏହି ସମୟ ମଧ୍ୟରେ ପ୍ରାୟ ୨୯୫ଜଣ ୟୁପିଆଇ ଠକେଇର ଶିକାର ହୋଇଛନ୍ତି। ଏଥିସହିତ କ୍ରେଡିଟ୍‌ କାର୍ଡ କିମ୍ବା ଡେବିଟ୍‌ କାର୍ଡରେ ୧୧୫ ଓ ଅନ୍ୟ କଲ୍‌ ତଥା ଲଟେରି, ଟିଭି ଓ ମୋବାଇଲ ରିଚାର୍ଜ, ଆଧାରକାର୍ଡ ଅପଡେଟ୍‌ ଆଦି ବାହାନାରେ ୫୪୪ଟି ଠକେଇ କରିଛନ୍ତି। ତେବେ ସାଇବର ହେଲ୍ପ ଡେସ୍କ ପକ୍ଷରୁ ସାଇବର ଠକଙ୍କ ନିକଟରୁ ୯ ଲକ୍ଷ ୩୯ହଜାର ୪୯୪ ଟଙ୍କା ଫେରସ୍ତ ଅଣାଯାଇପାରିଛି। ଫେବୃୟାରୀରେ ସର୍ବାଧିକ ୬ ଲକ୍ଷ ୮୫ ହଜାର ୮୪୭ ଟଙ୍କା ଓ ମାର୍ଚ୍ଚରେ ୨ଲକ୍ଷ ୫୩ହଜାର ୬୪୭ଟଙ୍କା ଫେରସ୍ତ ଅଣାଯାଇ ଠକେଇର ଶିକାର ହୋଇଥିବା ଲୋକଙ୍କୁ ଦିଆଯାଇଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବିମଳ



@ ଲିପି



@ ରାକେଶ



@ ତପନ



@ ଶୁଭଶ୍ରୀ



@ ରାଜା



@ ସିପୁନ

# 'ମାଓବାଦୀ ଦମନରେ ପୋଲିସ ପ୍ରଦର୍ଶନ ଉଚ୍ଚକୋଟୀର'

**କଟକ ଅଫିସ, ୧।୪**



ପୋଲିସ ପ୍ରତିଷ୍ଠା ଦିବସ ଅବସରରେ କଟକସ୍ଥିତ ଓଏସ୍‌ଏପି ଷଷ୍ଠ ବାଟାଲିୟନଠାରେ ଡିଜିପି ଅଭୟ ପରେଡ୍‌ରେ ଅଭିବାଦନ ଗ୍ରହଣ କରୁଛନ୍ତି।

### ୮୬ତମ ରାଜ୍ୟ ପୋଲିସ ପ୍ରତିଷ୍ଠା ଦିବସ

- ସିଟିଜେନ ପୋର୍ଟାଲ, ସହାୟତା ଆପ୍‌ରେ ଦାଖଲ ହେଉଛି ଇ- ଏଫ୍‌ଆଇଆର୍‌
- କଟକ ଓଏସ୍‌ଏପି ଶ୍ରେଷ୍ଠ ବାଟାଲିୟନ ଭାବେ ପୁରସ୍କୃତ

ମାଲକାନଗିରି ଉପାନ୍ତ ଅଞ୍ଚଳରେ ମାଓବାଦୀ ଦମନ ଅଭିଯାନରେ ଓଡ଼ିଶା ପୋଲିସର ପ୍ରଦର୍ଶନ ବେଶ୍‌ ଉଚ୍ଚକୋଟୀର ରହିଛି। ସେହିପରି ନିଶାଦ୍ରବ୍ୟ ଚୋରାଚାଲାଣ ରୋକିବାରେ ପୋଲିସର ଭୂମିକା ପ୍ରଶଂସନୀୟ। ମହିଳା ଓ ଶିଶୁଙ୍କ ବିରୋଧରେ ଅପରାଧ ରୋକିବା ଲାଗି କଠୋର ପଦକ୍ଷେପ ନିଆଯାଉଛି। ଓଆର୍‌ଏସ୍‌ଏସ୍‌, ସିଟିଜେନ ପୋର୍ଟାଲ ଓ ମୋବାଇଲ ଆପ୍‌ 'ସହାୟତା' ମାଧ୍ୟମରେ ଇ-ଏଫ୍‌ଆଇଆର୍‌ ଦାଖଲ ଆଦି ବ୍ୟବସ୍ଥା କରାଯାଇଛି। ରାଜ୍ୟର ନିଖୋଜ ଶିଶୁଙ୍କୁ ଠାବ କରିବା ଓ ଏନ୍‌ବିଡବ୍ଲ୍ୟୁ ଅପରାଧୀଙ୍କ ବିରୋଧରେ ସ୍ପେଶାଲ ଡ୍ରାଇଭ ଜାରି ରହିଛି। ସେହିପରି ସାଇବର ଓ ଅର୍ଥନୈତିକ ଅପରାଧ କ୍ଷେତ୍ରରେ ପୋଲିସ ସତର୍କତାର ସହ କାର୍ଯ୍ୟ କରୁଛି। ଗୁରୁବାର କଟକସ୍ଥିତ ଓଏସ୍‌ଏପି ଷଷ୍ଠ ବାଟାଲିୟନଠାରେ ଓଡ଼ିଶା ପୋଲିସର ୮୬ତମ ରାଜ୍ୟସ୍ତରୀୟ ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡିଜିପି ଅଭୟ ଏହା କହିଛନ୍ତି। ଏହି ଅବସରରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା ବାର୍ତ୍ତାକୁ ଏଡିଜି (ହେଡ୍‌କ୍ୱାର୍ଟର) ଲଳିତ ଦାସ ପାଠ କରିଥିଲେ।

ଡିଜିପି ଅଭୟ ପରେଡ ଅଭିବାଦନ ଗ୍ରହଣ କରିବା ପରେ ଉଲ୍ଲେଖନୀୟ ପୋଲିସ ସେବା ପାଇଁ ପୋଲିସ ଅଧିକାରୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏପିଆର୍‌ କନଷ୍ଟେବଲ ଅଶ୍ୱିନୀକାନ୍ତ ସାହୁ, ଓଆର୍‌ କନଷ୍ଟେବଲ ସନ୍ତୋଷ କୁମାର ନାୟକ, ଟ୍ରାଫିକ କନଷ୍ଟେବଲ ପ୍ରଶାନ୍ତ କୁମାର ପରିଡ଼ା, ହାବିଲଦାର ପୋତୁରାଜ କୁର୍ମି, ଏଏସ୍‌ଆଇ କୈଳାସ ଚନ୍ଦ୍ର ପ୍ରଧାନ, ଏସ୍‌ଆଇ ସରୋଜ କୁମାର ନାୟକ, ଇନ୍ସପେକ୍ଟର ଚିନ୍ତାମଣି ପ୍ରଧାନ, ଇନ୍ସପେକ୍ଟର ଗୀତାଞ୍ଜଳି ପଣ୍ଡା, ଇନ୍ସପେକ୍ଟର ଆଶିଷ କୁମାର ରାଉତ ଓ ଶ୍ରେଷ୍ଠ ଟିମ ଲିଡର ଏସ୍‌ଓଜିର ଡେପୁଟି ସୁବେଦାର ଶାଶ୍ୱତ ବେହେରା ପୁରସ୍କୃତ ହୋଇଥିଲେ। ଓଏସ୍‌ଏପି ଷଷ୍ଠ ବାଟାଲିୟନ କଟକକୁ ଶ୍ରେଷ୍ଠ ବାଟାଲିୟନ ଭାବେ ପୁରସ୍କୃତ କରାଯାଇଥିଲା। ଶ୍ରେଷ୍ଠ ପରିବାର କଲ୍ୟାଣ କେନ୍ଦ୍ର ଭାବେ ଓଏସ୍‌ଏପି ଷଷ୍ଠ ବାଟାଲିୟନ କଟକ ପୁରସ୍କୃତ ହୋଇଥିଲା। ସେହିପରି ଓଏସ୍‌ଏପି ସପ୍ତମ ବାଟାଲିୟନ ଭୁବନେଶ୍ୱର ଏବଂ ଓଏସ୍‌ଏପି ଦ୍ୱିତୀୟ ବାଟାଲିୟନ ଝାରସୁଗୁଡ଼ାକୁ ପୁରସ୍କୃତ କରାଯାଇଥିଲା। ପରେଡରେ ଏସ୍‌ଓଜି ପ୍ରଥମ ଏବଂ ଏପିଆର୍‌ (ମହିଳା)/ଟ୍ରାଫିକ କନଷ୍ଟେବଲ(କମ୍ବାଇନ୍‌ଡ) ଦ୍ୱିତୀୟ ସ୍ଥାନ ହାସଲ କରି ଡିଜିପିଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ମାଲକାନଗିରି ଜିଲାର ସ୍ୱର୍ଗତ ଜୟରାମ କବାସି ଓ ସ୍ୱର୍ଗତ ରାମୁ ଦୁରୁଆ, ମୟୂରଭଞ୍ଜର ସ୍ୱର୍ଗତ ସୁଧୀର କୁମାର ଟୁଡୁ, ଅନୁଗୋଳର ସ୍ୱର୍ଗତ ଦେବାଶିଷ ସେଠୀଙ୍କୁ ସ୍ୱର୍ଗତ ଭ୍ରମରବର ସାହୁ ସ୍ମୃତି ସାହସିକତା ପୁରସ୍କାର ଦିଆଯାଇଥିଲା। ସେହିପରି କନ୍ଧମାଳ ଜିଲାର କାର୍ତ୍ତିକ କହଁର, ଯଶବନ୍ତ ସାହୁ, ବର୍ଷି ପ୍ରଧାନ, ପରମାନନ୍ଦ ବେହେରାଦଳାଇ ଏବଂ ପ୍ରକାଶ ଚନ୍ଦ୍ର ସାହୁ (ଭୁବନେଶ୍ୱର)ଙ୍କୁ ସ୍ୱର୍ଗତ ରାଜେନ୍ଦ୍ର ମୋହନ ପଟ୍ଟନାୟକ ସ୍ମୃତି ସାହସିକତା ପୁରସ୍କାର ପ୍ରଦାନ କରାଯାଇଥିଲା। ଓଏସ୍‌ଏପି ଷଷ୍ଠ ବାଟାଲିୟନଠାରେ ୬୧ଜଣ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଆରକ୍ଷୀ ମହାନିର୍ଦ୍ଦେଶକଙ୍କ ପଦକ ଦିଆଯାଇଥିଲା। ଏହି ଅବସରରେ ଅବସରପ୍ରାପ୍ତ ଏଡିଜି ଆଶୁତୋଷ ମିଶ୍ର ଏବଂ ଅବସରପ୍ରାପ୍ତ ଭିଜିଲାନ୍ସ ଏସ୍‌ପି ଗୌରାଙ୍ଗ ଚନ୍ଦ୍ର ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବହୁ ବରିଷ୍ଠ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ସମେତ ସେବା ନିବୃତ୍ତ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

# ଗୁଡ୍‌ ଫ୍ରାଇଡେ' ପାଇଁ ଲାଗିଲା କଟକଣା

**ଭୁବନେଶ୍ୱର, ୧।୪ (ବ୍ୟୁରୋ)**



କରୋନା ସଂକ୍ରମଣ ବଢୁଥିବାରୁ ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ପର୍ବପର୍ବାଣୀ ଉପରେ ସରକାର କଟକଣା ଲଗାଇଛନ୍ତି। ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କ ଅନ୍ୟତମ ବଡ଼ ପର୍ବ ଗୁଡ୍‌ ଫ୍ରାଇଡେ' ଶୁକ୍ରବାର ପାଳିତ ହେବ। ଚର୍ଚ୍ଚ ଗୁଡିକରେ ଜନସମାଗମ ହେବାର ସମ୍ଭାବନା ରହିଥିବାରୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଗାଇଡ୍‌ ଲାଇନ୍‌ ଜାରି କରାଯାଇଛି। ସର୍ବସାଧାରଣ ସ୍ଥାନରେ ଏହାକୁ ପାଳନ କରିବାକୁ ବାରଣ କରାଯାଇଛି। ଚର୍ଚ୍ଚଗୁଡିକରେ ୫୦ଜଣରୁ ଅଧିକ ଲୋକ ଏକାଠି ନ ହେବାକୁ କଟକଣା ଲଗାଯାଇଛି। ଏହାସହିତ ପରସ୍ପର ମଧ୍ୟରେ ୬ ଫୁଟ ଦୂରତା ବଜାୟ ରଖିବା ସହିତ ମାସ୍କ ପରିଧାନ କରିବା ନେଇ ଚର୍ଚ୍ଚ କର୍ତ୍ତୃପକ୍ଷ ନିଶ୍ଚିତ କରିବେ। ଚର୍ଚ୍ଚର ପ୍ରବେଶ ଦ୍ୱାରରେ ହାତ ଧୋଇବା ପାଇଁ ବ୍ୟବସ୍ଥା କରିବାକୁ କୁହାଯାଇଛି। ୬୫ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ବ୍ୟକ୍ତି ଓ ୧୦ବର୍ଷରୁ କମ୍‌ ପିଲାଙ୍କୁ ଧାର୍ମିକ ସମାବେଶରେ ଯୋଗ ଦେବାକୁ ବାରଣ କରାଯାଇଛି।

# 'ଇଣ୍ଡିଆ ନେକ୍ସଟ୍‌ ଟପ୍‌ ମଡେଲ'ରେ ମୁକୁଟ ପିନ୍ଧିଲେ ସୋନାଲୀ

**ଭୁବନେଶ୍ୱର, ୧।୪ (ବ୍ୟୁରୋ)**

### ଜାତୀୟ ସ୍ତରରେ ପୁଣି ଚମକିଲେ ଓଡ଼ିଆ ଝିଅ



ଜାତୀୟ ସ୍ତରରେ ଆଉଜଣେ ଓଡ଼ିଆ ଝିଅ ନିଜର ପ୍ରତିଭା ଦେଖାଇଛନ୍ତି। 'ଇଣ୍ଡିଆ ନେକ୍ସଟ ଟପ୍‌ ମଡେଲ' ପ୍ରତିଯୋଗିତାରେ ଭୁବନେଶ୍ୱରର ଝିଅ ସୋନାଲୀ ସାହୁ ଦ୍ୱିତୀୟ ରନର୍ସ ଅପ୍‌ ଟାଇଟଲ ହାସଲ କରି ଓଡ଼ିଶାର ଗୌରବ ବଢ଼ାଇଛନ୍ତି। ନୂଆଦିଲ୍ଲୀସ୍ଥିତ ଏକ ପଞ୍ଚତାରକା ହୋଟେଲରେ ଆୟୋଜିତ ପ୍ରତିଯୋଗିତାର ତୃତୀୟ ସଂସ୍କରଣରେ ବିଭିନ୍ନ ରାଜ୍ୟରୁ ଆସିଥିବା ୩୫ଜଣ ମଡେଲଙ୍କୁ ପଛରେ ପକାଇ ସେ ଏହି ସ୍ଥାନରେ ପହଞ୍ଚିଛନ୍ତି। ଗତ ଜାନୁୟାରୀ ୩୧ରେ ଓଡ଼ିଶା ଫ୍ୟାଶନ ଭିଲ୍ଲା ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ମଡେଲ ପ୍ରତିଯୋଗିତା ମିସ୍‌ ଓଡ଼ିଶା ୟୁନିଭର୍ସ ଇଣ୍ଡିଆରେ ଭାଗ ନେଇ ୨ୟ ସ୍ଥାନ ଅଧିକାର କରି ଏହି ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣର ସୁଯୋଗ ପାଇଥିଲେ।

ଯୁବତୀ, ଯୁବକ ଓ ବିବାହିତ ମହିଳାଙ୍କୁ ମଡେଲିଂ କ୍ଷେତ୍ରରେ ପରିଚିତ କରାଇବା ପାଇଁ ଫ୍ୟାଶନ ଭିଲ୍ଲା ପକ୍ଷରୁ ପ୍ରଶିକ୍ଷଣ ଦିଆଯାଉଥିବା ଅନୁଷ୍ଠାନର ନିର୍ଦ୍ଦେଶକ ଅଭିଜିତ୍‌ ମହାନ୍ତି ସୂଚନା ଦେଇଛନ୍ତି।

# କନ୍ଦଲେଇ ଗାଁରେ ଚାଇଲ୍ଡ ଲାଇନ୍‌ର ତଦନ୍ତ

### ବିଷ ପିଆଇ ୨ ପିଲାଙ୍କୁ ହତ୍ୟା ଘଟଣା

### ପରିବାର ପାଖରେ ରହିବ ଶିଶୁକନ୍ୟା

**ଭୁବନେଶ୍ୱର, ୧।୪(ବ୍ୟୁରୋ):** ଜଣେ ମା' ୩ ଶିଶୁଙ୍କୁ ବିଷ ପିଆଇବା ପରେ ନିଜେ ବିଷ ପିଇବା ଓ ୨ ଶିଶୁପୁତ୍ରଙ୍କ ମୃତ୍ୟୁ ଘଟିବା ଘଟଣାକୁ ନେଇ ଚାଇଲ୍ଡ ଲାଇନ୍‌ ତଦନ୍ତ ଆରମ୍ଭ କରିଛି। ଗୁରୁବାର ଏକ ଟିମ ଚନ୍ଦକା ଥାନା କନ୍ଦଲେଇ ଗାଁକୁ ଯାଇ ପଚରାଉଚରା କରିଛି। ସ୍ୱାମୀଙ୍କ ମୃତ୍ୟୁ ପରେ ମା' ଜାନକୀ ଗାଗରାଇ ୩ ପିଲାଙ୍କ ସହ ରହୁଥିବାବେଳେ ଦିଅର ସହାୟତା କରୁଥିଲେ। ହେଲେ ଘଟଣା ପୂର୍ବଦିନ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିବା ଜଣାପଡିଛି। ଏହାକୁ ନେଇ ଜାନକୀ ଏପରି ଚରମ ନିଷ୍ପତ୍ତି ନେଇଥିବା ଅନୁମାନ କରାଯାଉଛି। ଅଭାବରୁ ଏଭଳି ଘଟଣା ଘଟିଥିବା ନେଇ ଯାହା କୁହାଯାଉଥିଲା ତାହାର ପ୍ରମାଣ ପାଇପାରିନି ଟିମ୍‌। ଅନ୍ୟପଟେ ଗୁରୁତର ଶିଶୁ କନ୍ୟା ଶିଶୁଭବନରେ ଚିକିତ୍ସିତ ହେଉଛନ୍ତି। ଜାନକୀଙ୍କ ପରିବାର ଲୋକେ ଶିଶୁ କନ୍ୟାକୁ ରଖି ଲାଳନ ପାଳନ କରିବାକୁ ଇଚ୍ଛୁକ ଥିବା ଚାଇଲ୍ଡ ଲାଇନର ନିର୍ଦ୍ଦେଶକ ବେଣୁଧର ସେନାପତି ସୂଚନା ଦେଇଛନ୍ତି। ଚାଇଲ୍ଡ ଲାଇନ ତରଫରୁ ଏ ସଂକ୍ରାନ୍ତ ତଦନ୍ତ ରିପୋର୍ଟ ଶିଶୁ ମଙ୍ଗଳ କମିଟି (ସିଡବ୍ଲ୍ୟୁସି) ଓ ଶିଶୁ ଅଧିକାର ଆୟୋଗକୁ ପ୍ରଦାନ କରାଯାଇଥିବା ସେ କହିଛନ୍ତି।

# ଚୋରଙ୍କୁ ସହାୟତା ଅଭିଯୋଗରେ ହୋମଗାର୍ଡ ବହିଷ୍କୃତ

**ନରସିଂହପୁର,୧।୪ (ସ୍ୱ.ପ୍ର.):** ନରସିଂହପୁର ଥାନାରେ କାର୍ଯ୍ୟରତ ଜଣେ ହୋମଗାର୍ଡଙ୍କୁ କଟକ ଜିଲା ଗ୍ରାମାଞ୍ଚଳ ଏସ୍‌ପି ବି.ଯୁଗଳ କିଶୋର ଗୁରୁବାର କାର୍ଯ୍ୟରୁ ବହିଷ୍କୃତ କରିଛନ୍ତି। ସେ ହେଲେ ସନାତନ ରଣା। ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଚୋରି ଓ ଡକାୟତି ଘଟଣାରେ ସେ ଚୋରଙ୍କୁ ସହାୟତା କରୁଥିବା ଅଭିଯୋଗ ହୋଇଛି। ପୋଲିସର ଗତିବିଧି ସମ୍ପର୍କରେ ରଣା ଚୋର ଓ ଡକାୟତଙ୍କୁ ସୂଚନା ଦେଉଥିଲେ। ଏଥିପାଇଁ ମୋଟା ଅଙ୍କର ଅର୍ଥ ନେଉଥିଲେ। ଏହି ଅର୍ଥ ନେବାବେଳର ଏକ ଭିଡିଓ ଭାଇରାଲ ହୋଇଥିଲା। ଏହାର ସତ୍ୟାସତ୍ୟ ଯାଞ୍ଚ ପରେ ରଣାଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି ବୋଲି ଆଠଗଡ଼ ଏସ୍‌ଡିପିଓ ଆଲୋକ ରଞ୍ଜନ ରାୟ ସୂଚନା ଦେଇଛନ୍ତି।




ଓଡ଼ିଶା ଦିବସ ପାଳନ ଅବସରରେ ଗୁରୁବାର ପାରଳା ଗଜପତି ବିକାଶ ମଞ୍ଚ ପକ୍ଷରୁ ଭୁବନେଶ୍ୱର ଏଜି ଛକସ୍ଥିତ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

# ଆଜାଦ ନଗରରେ ଗୋଷ୍ଠୀ ସଂଘର୍ଷ, ବୋମାମାଡ଼

**ଭୁବନେଶ୍ୱର,୧।୪(ବ୍ୟୁରୋ)**

- ୩ ଆହତ, ୬ଜଣ ଥାନାରେ ଅଟକ
- ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ

ଏୟାରଫିଲ୍ଡ ଥାନା ଅନ୍ତର୍ଗତ ସୁନ୍ଦରପଦା ଆଜାଦ ନଗରରେ ଗାଁ କମିଟି ଗଠନବେଳେ ୨ ସଂଖ୍ୟାଲଘୁ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଛି। ଏଥିସହ ବୋମା ମାଡ଼ ହୋଇଛି। ଆକ୍ରମଣ ଓ ପ୍ରତି ଆକ୍ରମଣରେ ୩ଜଣ ଆହତ ହୋଇଛନ୍ତି। ଏୟାରପୋର୍ଟ ଥାନା ଅଧିକାରୀ ଉମାକାନ୍ତ ପ୍ରଧାନ ଓ ଏୟାରଫିଲ୍ଡ ଥାନା ଅଧିକାରୀ ଦୀପକ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ୬ ଜଣଙ୍କୁ କାବୁ କରି ଥାନାକୁ ଆଣିବା ସହ ସ୍ଥିତିକୁ ନିୟନ୍ତ୍ରଣ କରିଛନ୍ତି। ଏଥିସହ ଆହତଙ୍କ ମଧ୍ୟରୁ ୨ଜଣ ଗୁରୁତର ଆହତ ହୋଇଥିବାରୁ ସେମାନଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତେବେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାରୁ ଓ ଦୁଇ ଗୋଷ୍ଠୀ ମୁହାଁମୁହିଁ ଅବସ୍ଥାରେ ରହିଥିବାରୁ ଗାଁରେ ଗୋଟିଏ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଏନେଇ ଏୟାରଫିଲ୍ଡ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଥାନା ଅଧିକାରୀ ଦୀପକ ମିଶ୍ର କହିଛନ୍ତି, ପରିସ୍ଥିତି ନିୟନ୍ତ୍ରଣରେ ଅଛି। ପୋଲିସ ଫୋର୍ସ ପରିସ୍ଥିତି ଉପରେ ନଜର ରଖିଛି। ଫେରାର ଥିବା ଅନ୍ୟମାନଙ୍କୁ ଧରିବା ପାଇଁ ପୋଲିସ ଚଢ଼ାଉ ଜାରି ରଖିଛି। ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ସେ କହିଛନ୍ତି।

ପୋଲିସ ସୂଚନା ମୁତାବକ, ସୁନ୍ଦରପଦା ଆଜାଦନଗରରେ ବହୁସଂଖ୍ୟାଲଘୁ ସମ୍ପ୍ରଦାୟର ପରିବାର ବସବାସ କରୁଛନ୍ତି। ଗାଁରେ ଥିବା ମସଜିଦ୍‌ରେ ପ୍ରତିବର୍ଷ ନୂଆ କମିଟି ସଦସ୍ୟଙ୍କୁ ବଛା ଯାଇଥାଏ। ଚଳିତ ବର୍ଷ ଉଭୟ ଗୋଷ୍ଠୀ ବସି ନୂଆ କମିଟି ସଦସ୍ୟ ଚୟନ କରୁଥିଲେ। ଚୟନ ହୋଇଥିବା କେତେଜଣ ସଦସ୍ୟଙ୍କୁ ଅନ୍ୟ ଏକ ଗୋଷ୍ଠୀ ବିରୋଧ କରିବା ସହ କମିଟିରେ ତାଙ୍କ ଲୋକଙ୍କୁ ରଖିବାକୁ ଉଦ୍ୟମ କରିଥିଲେ। ଏହାକୁ ନେଇ ୨ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ମାରଣାସ୍ତ୍ର ଧରି ପରସ୍ପରକୁ ଆକ୍ରମଣ କରିଥିଲେ। ଏହି ସମୟରେ ନିକଟରେ ଥିବା ଦୋକାନ ଉପରେ ବୋମାମାଡ଼ ହୋଇଥିଲା। ବୋମାମାଡରେ ଉକ୍ତ ଦୋକାନ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି।

### ଚଢ଼ାଉବେଳେ ପୋଲିସକୁ ବୋମାମାଡ଼, ୬ ଗିରଫ



ଗିରଫ ୬ ଅଭିଯୁକ୍ତ।

**ବଳଙ୍ଗା,୧।୪(ଡି.ଏନ୍‌.ଏ.):** ପିପିଲି ବିଧାନସଭା ଉପ ନିର୍ବାଚନ ଅବାଧ ଓ ନିରପେକ୍ଷ ଭାବରେ ସମାହିତ କରିବା ପାଇଁ ଅସାମାଜିକ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏସ୍‌ପି କେ.ବିଶାଲ ସିଂ ଏହି ନିର୍ବାଚନମଣ୍ଡଳୀ ଅଧୀନ ସମସ୍ତ ଥାନାକୁ ନିର୍ଦ୍ଦେଶ ଦେଇଛନ୍ତି। ଏପ୍ରିଲ ପହିଲା ସକାଳେ ବଳଙ୍ଗା ଥାନା ପୋଲିସ ଡକାୟତି ଗ୍ୟାଙ୍ଗକୁ ଧରିବା ପାଇଁ ଚଢ଼ାଉ ବେଳେ ବୋମାମାଡ଼ର ଶିକାର ହୋଇଥିଲା। ପୋଲିସ ସତର୍କତା ସହ ବର୍ତ୍ତିଯାଇ ୬ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଦୀପକ ସାହୁ, ରାମଚଣ୍ଡୀ ଥାନା ଅଞ୍ଚଳର ଏସ୍‌. କେ. ନାସିର, କାକଟପୁର ଥାନାଞ୍ଚଳର ପ୍ରତାପ ବେହେରା, ସତ୍ୟରଞ୍ଜନ ଭୋଇ, ପିପିଲି ଥାନାଞ୍ଚଳର ସନ୍ଦୀପ ପ୍ରଧାନ ଓ ସତ୍ୟବାଦୀ ଥାନାଞ୍ଚଳର ରଞ୍ଜନ ପ୍ରଧାନ। ସେମାନଙ୍କଠାରୁ ଏକ ବାଇକ୍‌, ସ୍କୁଟର, ଭୁଜାଲି, ଖଣ୍ଡା, ଲୁହାଛଡ଼, ବୋମା ଜବତ କରାଯାଇଛି। ପୋଲିସ ଏକ ମାମଲା(ନଂ.୭୯/୨୧) ରୁଜୁ କରି ତଦନ୍ତ ଚଳାଇଛି। ବଳଙ୍ଗା ପୋଲିସ ସକାଳୁ ପାଟ୍ରୋଲିଂ କରୁଥିବାବେଳେ ରୂପଦେଇପୁର ପଞ୍ଚାୟତ ନାହାମଙ୍ଗ ପାଟଣା ଶିଶୁ ମନ୍ଦିର ସନ୍ନିକଟ ଜଙ୍ଗଲିଆ ସ୍ଥାନରେ କେତେଜଣ ବ୍ୟକ୍ତି ଡକାୟତି ଯୋଜନା କରୁଥିବା ବିଶେଷ ସୂତ୍ରରୁ ଖବର ପାଇଥିଲେ। ପୋଲିସ ସେଠାରେ ଚଢ଼ାଉ କରିବାବେଳେ ଦୁର୍ବୃତ୍ତମାନେ ପୋଲିସ ଉପରେ ବୋମା ମାଡ଼ କରିଥିଲେ। ଏଥିରେ ପୋଲିସର କୌଣସି କ୍ଷତି ହୋଇ ନ ଥିବାବେଳେ ୬ଜଣଙ୍କୁ ଧରିବାରେ ସଫଳ ହୋଇଛି। ହେଲେ ୨ଜଣ ଫେରାର ହୋଇଯାଇଛନ୍ତି।

**କୋଭିଡ୍ କଟକଣାରେ ହେବ ପଞ୍ଚୁ ପାଣ୍ଡବ ମେଳଣ**

ବ୍ରହ୍ମଗିରି,(ଡି.ଏନ୍.ଏ): ବ୍ରହ୍ମଗିରି ପ୍ରସିଦ୍ଧ ପଞ୍ଚୁ ପାଣ୍ଡବ ମେଳଣ ଶୁକ୍ରବାରଠାରୁ ଆରମ୍ଭ ହେବ। ୩ ଦିନ ଧରି ଚାଲୁଥିବା ଏହି ପଞ୍ଚୁ ପାଣ୍ଡବ ମେଳଣ କରୋନା କଟକଣା ମଧ୍ୟରେ ହେବ। କେବଳ ପରମ୍ପରା ଅନୁଯାୟୀ ଠାକୁର ବିମାନ (ଦୋଳ) ମାନଙ୍କ ସମାଗମ ହେବ। ଏହି ମେଳଣରେ ପଞ୍ଚୁ ପାଣ୍ଡବଙ୍କ ସହ ୧୦୮ ଦୋଳର ମହାମିଳନ ହୋଇଥାଏ। ବିଭିନ୍ନ ପ୍ରାନ୍ତରୁ ଆସୁଥିବା ଦୋଳମାନଙ୍କ ସହିତ ଅତି ଆବଶ୍ୟକ ସେବାୟତ ଉପସ୍ଥିତ ରହିବେ। ଏହା ସହ ମେଳଣ କୁଞ୍ଜକୁ ଆସୁଥିବା ଭକ୍ତଙ୍କୁ ମାସ୍କ ଓ ସାମାଜିକ ଦୂରତ୍ୱ ରକ୍ଷା କରିବାକୁ ପରାମର୍ଶ ଦିଆଯିବ। ଏହାସହ ଏହି ମେଳଣର ପ୍ରସିଦ୍ଧ ହେଉଛି ସାହି ଜାତ। ବିଭିନ୍ନ ସାହିରୁ ପାରମ୍ପରିକ ନାଗା ମେଢର ଶୋଭାଯାତ୍ରାକୁ ଚଳିତ ବର୍ଷ ମେଳଣ କମିଟି ବନ୍ଦ କରିଛି।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୦୧.୦୪.୨୦୨୧

| ୩,୨୩,୪୪୩ ଟଙ୍କା | |
|---|---|
| ସୁନା | ୨.୧୫୦ ଗ୍ରାମ |
| ରୁପା | ୪୪ ଗ୍ରାମ |

# ମାଉସୀ ମା’ ମନ୍ଦିରରୁ ଚୋରି

**ପୁରୀ ଅଫିସ,୧।୪:**

ବଡ଼ଦାଣ୍ଡସ୍ଥିତ ମାଉସୀ ମା’ ମନ୍ଦିରରୁ ବୁଧବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଗ୍ୟାସ୍ କଟର୍ ସାହାଯ୍ୟରେ ଦୁର୍ବୃତ୍ତମାନେ ମନ୍ଦିର ମୁଖ୍ୟଗେଟ୍‌କୁ କାଟି ଭିତରେ ପଶି ମନ୍ଦିର ହୁଣ୍ଡି ଓ ଆଲମାରି ଭାଙ୍ଗି ପ୍ରାୟ ୫ହଜାର ଟଙ୍କା ସମେତ ପାଟବସ୍ତ୍ର ଓ ପୂଜାବସ୍ତୁ ଚୋରାଇ ନେଇଛନ୍ତି। ତେବେ ମା’ଙ୍କ ସୁନା ଓ ରୁପା ଅଳଙ୍କାରକୁ ପ୍ରତିଦିନ ସେ ଘରକୁ ନେଇଯାଉ ଥିବାରୁ ଏହା ସୁରକ୍ଷିତ ରହିଛି ବୋଲି ପୂଜକ ବିଶ୍ୱନାଥ ମିଶ୍ର କହିଛନ୍ତି। ଏ ନେଇ ପୂଜକ ମିଶ୍ର କୁମ୍ଭାରପଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହାପରେ ପୋଲିସ ଘଟଣାସ୍ଥଳକୁ ଯାଇ ମନ୍ଦିରରେ ଲାଗିଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରି ତଦନ୍ତ ଜାରି ରଖିଛି। ସେହିପରି ମନ୍ଦିର ଭିତର ଓ ଚୋରି ହୋଇଥିବା ସ୍ଥାନର ଫଟୋ ଉଠାଇବା ସହ ତଥ୍ୟ ସଂଗ୍ରହ କରିଛି।

କୁମ୍ଭାରପଡ଼ା ଥାନା ଆଇଆଇସି ବିଚିତ୍ରାନନ୍ଦ ସେଠୀ କହିଛନ୍ତି, ମାଉସୀ ମା’ ମନ୍ଦିର ପାଖରେ ଥିବା ଏକ ଦୋକାନର ସିସିଟିଭି ଫୁଟେଜ୍ ଯାଞ୍ଚରୁ ଜଣାପଡ଼ିଛି ଯେ, ୨ଜଣ ଦୁର୍ବୃତ୍ତ ମନ୍ଦିର ତାଲା ଭାଙ୍ଗି ଭିତରେ ପଶି ହୁଣ୍ଡି ଓ ଆଲମିରାର ତାଲା ଭାଙ୍ଗି ଚୋରି କରିଛନ୍ତି। ଚୋରି ପରେ ସେମାନେ ମନ୍ଦିର ଭିତରୁ ବାହାରି ମାଉସୀ ମା’ ମନ୍ଦିର ପଛପଟ ଗଳି ଦେଇ ଚାଲିଯାଉଥିବା ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଥିବାବେଳେ ଫରେନସିକ୍ ବିଭାଗ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛି। ମାଉସୀ ମା’ ମନ୍ଦିର ସଂଶ୍ଳିଷ୍ଟ ଅଞ୍ଚଳରେ ଥିବା ଦୋକାନୀମାନଙ୍କ ସିସିଟିଭି ଫୁଟେଜ୍‌କୁ ମଧ୍ୟ ପୋଲିସ ଯାଞ୍ଚ କରିବ। ବଳଗଣ୍ଡି ଛକସ୍ଥିତ ମାଉସୀ ମା’ ମନ୍ଦିର ପାଖରେ ଥିବା କେତେକ ଲଜ୍ ଓ ଦୋକାନର ସିସିଟିଭି ଫୁଟେଜ ପୋଲିସ ସଂଗ୍ରହ କରିଛି। ସେଥିରୁ ଚୋରଙ୍କ ଗତିବିଧିକୁ ନେଇ ସୂଚନା ମିଳିପାରିବ ବୋଲି ଆଇଆଇସି ସେଠୀ ଆଶା ପ୍ରକାଶ କରିଛନ୍ତି। ଏସ୍‌ପି କନ୍‌ୱର ବିଶାଲ ସିଂ ଏବଂ ସିଟିଡିଏସ୍‌ପି କ୍ଷୀରସାଗର ନାୟକ ଗୁରୁବାର ସନ୍ଧ୍ୟାରେ ଗୁଣ୍ଡିଚା ମନ୍ଦିର ସମେତ ସାଲବେଗ ମନ୍ଦିର, ମରିଚେଇ ଠାକୁରାଣୀ ମନ୍ଦିରର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଛନ୍ତି। ସମ୍ପୃକ୍ତ ମନ୍ଦିରଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ମାଉସୀ ମା ମନ୍ଦିର ପୂଜକଙ୍କ ସହ ମଧ୍ୟ ଏସ୍‌ପି ଆଲୋଚନା କରିଛନ୍ତି। ମାଉସୀ ମା’ ମନ୍ଦିର ବାହାରେ ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରାଯିବ ବୋଲି ଏସ୍‌ପି ପ୍ରତିଶ୍ରୁତି ଦେଇଛନ୍ତି। ପୂଜକ ମିଶ୍ର କହିଛନ୍ତି, ମାଉସୀ ମା’ ମନ୍ଦିର ଶ୍ରୀମନ୍ଦିରର ପରମ୍ପରା ସହ ଓତପ୍ରୋତ ଭାବେ ଜଡ଼ିତ। ମହାପ୍ରଭୁଙ୍କ ମାଉସୀ ଘର ଭାବେ ମାଉସୀ ମା’ ମନ୍ଦିର ପରିଚିତ। ବାହୁଡ଼ା ଯାତ୍ରାରେ ଶ୍ରୀମନ୍ଦିର ଫେରିବାବେଳେ ମହାପ୍ରଭୁ ଏଠାରେ ପୋଡ଼ପିଠା ଖାଇଥାନ୍ତି। ତେବେ ମାଉସୀ ମା’ ମନ୍ଦିର ସୁରକ୍ଷା ପ୍ରତି ଆଦୌ ଦୃଷ୍ଟି ଦିଆଯାଉନାହିଁ। ଅନ୍ୟପକ୍ଷରେ ମାଉସୀ ମା’ ମନ୍ଦିର ନିକଟରେ ବିଭିନ୍ନ ଦୋକାନ ଥିବାରୁ ଏଠାରେ ରାତ୍ରିରେ ଅସାମାଜିକ ବ୍ୟକ୍ତିଙ୍କ ଆସର ଜମୁଛି। ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ସେହିପରି ମାଉସୀ ମା’ ମନ୍ଦିର ପରିସର କିମ୍ବା ବଡ଼ଦାଣ୍ଡରେ ସିସିଟିଭି କ୍ୟାମେରା ନାହିଁ। ସିସିଟିଭି ବ୍ୟବସ୍ଥା ଥିଲେ ହୁଏତ ଏଭଳି ଘଟଣା ଘଟି ନ ଥାନ୍ତା। ଏ ନେଇ ସିଟି ଡିଏସ୍‌ପି କ୍ଷୀରସାଗର ନାୟକ କହିଛନ୍ତି, ପୋଲିସ ଜୋରଦାର ଉଦ୍ୟମ ଚଳାଇଛି। ଦୁର୍ବୃତ୍ତମାନଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ। ଉଲ୍ଲେଖ ଥାଉ କି, ୨୦୧୯ ଏପ୍ରିଲରେ ବଡଦେଉଳ ନିକଟ ରାମ ମନ୍ଦିର ଓ ପରବର୍ତ୍ତୀ ସମୟରେ ଗୁଣ୍ଡିଚା ମନ୍ଦିରରୁ ମଧ୍ୟ ଚୋରି ହୋଇଥିଲା।



ମାଉସୀ ମା’ ମନ୍ଦିରରେ ଏସ୍‌ପି କନ୍‌ୱର ବିଶାଲ ସିଂ ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରୁଛନ୍ତି ।

**୫ ହଜାର ଟଙ୍କା, ପାଟବସ୍ତ୍ର ନେଇଗଲେ**
- ସିସିଟିଭି ଫୁଟେଜ୍ ଆଧାରରେ ପୋଲିସର ଛାନ୍‌ଭିନ୍
- ବିଭିନ୍ନ ମନ୍ଦିର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କଲେ ଏସ୍‌ପି




### ସୁରକ୍ଷା ପାଇଁ ଏକ ଷ୍ଟ୍ରାଟେଜି କରାଯାଉ: ଗଜପତି

ମାଉସୀ ମା’ ମନ୍ଦିରରୁ ଚୋରି ଘଟଣାରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଗଜପତି ମହାରାଜା କହିଛନ୍ତି ଯେ, ମାଉସୀ ମା’ ମନ୍ଦିର ଚୋରି କଥା ଶୁଣି ମୁଁ ଆଶ୍ଚର୍ଯ୍ୟ। ଏହି ଘଟଣା ଅତି ନିନ୍ଦନୀୟ। ଶ୍ରୀକ୍ଷେତ୍ରରେ ଥିବା ସମସ୍ତ ଧର୍ମାନୁଷ୍ଠାନର ସୁରକ୍ଷା ପାଇଁ ପୋଲିସ ଏକ ଷ୍ଟ୍ରାଟେଜି ପ୍ରସ୍ତୁତ କରିବା ଆବଶ୍ୟକ। ସେହିପରି ଧର୍ମାନୁଷ୍ଠାନଗୁଡ଼ିକର ସୁରକ୍ଷା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯିବା ଉଚିତ।

## ୧୩. ୫୫୦ ଗ୍ରାମ୍ ବ୍ରାଉନସୁଗାର ଜବତ, ୧୦ ଗିରଫ

**ପୁରୀ ଅଫିସ, ୧।୪:**

ସମୁଦ୍ରକୂଳ ଥାନା ଓ ସଦର ଥାନା ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୧୩. ୫୫୦ ଗ୍ରାମ ବ୍ରାଉନସୁଗାର ଜବତ କରାଯିବା ସହ ୧୦ଜଣଙ୍କୁ ଗିରଫ କରାଯାଇଛି। ସୂଚନା ଅନୁଯାୟୀ ସମୁଦ୍ରକୂଳ ଥାନା ଅଞ୍ଚଳରେ ବ୍ରାଉନ ସୁଗାର କାରବାର ହେଉଥିବା ବିଶେଷ ସୂତ୍ରରୁ ଖବର ପାଇ ଏସ୍‌ଆଇ ଶିବାଶିଷ ଦାଶଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରି ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଟାଉନଥାନା ଅନ୍ତର୍ଗତ ତଲୁଛ ସାହିର ଜଗନ୍ନାଥ ମିଶ୍ର, ବାଲିସାହି ବରାହୀ ଲେନର ନୃସିଂହ ମହାସୁଆର, ତାଳବଣିଆ ଥାନା ଅନ୍ତର୍ଗତ ସିଦ୍ଧ ମହାବୀର ଦୋଳଗୋବିନ୍ଦ ପ୍ରଧାନ, ଚିକରପଡା ଅଞ୍ଚଳର ମନୋଜ ପ୍ରଧାନ ଏବଂ ମାଟିଆପଡାର ସ୍ୱାଭିମାନ ନାୟକ। ଏମାନଙ୍କଠାରୁ ୬ଗ୍ରାମ ୫୫୦ ମିଲିଗ୍ରାମ ବ୍ରାଉନ ସୁଗାର ଜବତ ହୋଇଛି। ଏ ନେଇ କେସ୍ ନଂ. ୮୭/୨୧ ରୁଜୁ ହୋଇଛି। ସେହିପରି ସଦର ଥାନା ଏସ୍‌ଆଇ ସୌମ୍ୟରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ଏକ ଟିମ୍ କଣ୍ଟପୁର ଅଞ୍ଚଳରେ ଚଢ଼ାଉ କରି ୭ଗ୍ରାମ ବ୍ରାଉନ ସୁଗାର ଜବତ କରିବା ସହ ଗୋଟିଏ ପଲସର ବାଇକ (ନଂ. ଓଡି୦୨ଏ-୪୧୪୧), ୪ଟି ମୋବାଇଲ ଫୋନ୍ ଜବତ କରିଛି। ୫ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଖଡ଼ିପଦାର ଜିତେନ୍ଦ୍ର ମାଝି, ଖୋର୍ଦ୍ଧା ଥାନା ଅନ୍ତର୍ଗତ କୋଣାର୍କ ନଗରର ମନୋଜ ସ୍ୱାଇଁ, ବେଗୁନିଆ ଥାନା ଅନ୍ତର୍ଗତ ଦେଉଳି ଗ୍ରାମର ରୁଦ୍ରମାଧବ ମାଝି, ପୁରୀ ଟାଉନ ଥାନା ଅନ୍ତର୍ଗତ ମଣିକର୍ଣ୍ଣିକା ସାହିର ଚିତ୍ତ ରଞ୍ଜନ ମହାନ୍ତି ଏବଂ ବଳିଆ ପଣ୍ଡା ଥାନା ଅନ୍ତର୍ଗତ ଶୁକ ରଞ୍ଜନ ବୈଦ୍ୟ। ଏ ନେଇ କେସ୍ ନଂ. ୧୧୩ /୨୧ ରୁଜୁ ହୋଇଛି।



ଅଭିନେତା ରଜନୀକାନ୍ତଙ୍କୁ ଦାଦା ସାହେବ ଫାଲ୍‌କେ ପୁରସ୍କାର ପ୍ରଦାନ ନିମନ୍ତେ ଘୋଷଣା କରାଯିବା ପରେ ତାଙ୍କୁ ଶୁଭେଚ୍ଛା ଜଣାଇ ଗୁରୁବାର ପୁରୀ ବେଳାଭୂମିରେ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା ।

### ସଂକ୍ଷେପରେ

### ଟ୍ରାକ୍ଟର ଚକ ଫାଟି ଚାଳକ ମୃତ

ପୁରୀ ଅଫିସ, ୧।୪: ପୁରୀ ଅଠରନଳା ନିକଟରେ ଗୁରୁବାର ଏକ ଟ୍ରାକ୍ଟର ଚକ ଫାଟିଯିବାରୁ ଟ୍ରାକ୍ଟର ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ପୁରୀ ସଦର ଥାନା ଅନ୍ତର୍ଗତ ଚାରିନଳା ନିକଟ କୃପାସାଗର ପାଟଣା ଗାଁର ଅକ୍ଷୟ ଜେନା। ସୂଚନା ଅନୁଯାୟୀ, ଅକ୍ଷୟ ତାଙ୍କ ଟ୍ରାକ୍ଟର ଚକରେ ପ୍ରେସର ଦେବା ପାଇଁ ଅଠରନଳା ନିକଟ ଏକ ଗ୍ୟାରେଜକୁ ଆସିଥିଲେ। ସେଠାରେ ଚକରେ ପ୍ରେସର ଦେଉଥିବାବେଳେ ଚକ ହଠାତ ଫାଟି ଯାଇଥିଲା। ଫଳରେ ସେ ଦୂରକୁ ଛିଟିକି ପଡ଼ିଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବାରୁ ଘଟଣାସ୍ଥଳରେ ତାଙ୍କର ଜୀବନ ଯାଇଥିଲା। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ନରେନ୍ଦ୍ର ପୁଷ୍କରିଣୀରେ ବୁଡ଼ି ଯୁବକ ମୃତ

ପୁରୀ ଅଫିସ, ୧।୪: ନରେନ୍ଦ୍ର ପୁଷ୍କରିଣୀରେ ଗୁରୁବାର ଜଣେ ଯୁବକ ବୁଡ଼ି ପ୍ରାଣ ହରାଇଛନ୍ତି। ମୃତକ ହେଲେ କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ନରେନ୍ଦ୍ରକୋଣ ମଙ୍ଗଳାସାହି ଦେବୀଘାଟ ଅଞ୍ଚଳର କାର୍ତ୍ତିକ କୁମାର ବେହେରା (୨୫)। ସୂଚନା ଅନୁଯାୟୀ, ସକାଳେ କାର୍ତ୍ତିକ ଗାଧୋଇବା ପାଇଁ ନରେନ୍ଦ୍ର ପୁଷ୍କରିଣୀକୁ ଯାଇଥିଲେ। ସେଠାରେ ତାଙ୍କୁ ବାତ ମାରିବାରୁ ସେ ପୁଷ୍କରିଣୀରେ ପଡ଼ି ବୁଡି ଯାଇଥିଲେ। ପରେ ଜଣେ ବ୍ୟକ୍ତି କାର୍ତ୍ତିକ ପାଣିରେ ଭାସୁଥିବା ଦେଖି ତାଙ୍କୁ ଉଦ୍ଧାର କରି କୂଳକୁ ଆଣିଥିଲେ। ତାଙ୍କୁ ଚିକିତ୍ସାଳୟକୁ ନିଆଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ କୁମ୍ଭାରପଡ଼ା ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ଜବତ କରିଛି।

### ନବବଧୂଙ୍କୁ ହତ୍ୟା, ସ୍ୱାମୀ ଅଟକ

ଖୋର୍ଦ୍ଧା ଅଫିସ,୧।୪: ଅଧିକ ଯୌତୁକ ଦାବିରେ ଜଣେ ନବବଧୂଙ୍କୁ ପିଟି ପିଟି ହତ୍ୟା କରାଯାଇଛି ବୋଲି ଗୁରୁବାର ଖୋର୍ଦ୍ଧା ଟାଉନ ଥାନାରେ ଅଭିଯୋଗ ହୋଇଛି। ମୃତା ଶୋଭାଙ୍କ ବାପା ହୃଷୀକେଶ ପାତ୍ରଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଦଫା ୩୦୪(ଡି)୩୦୨, ୪୯୮(ଏ),୨୯୪,୫୦୬ ଓ ୩୧୩ (ନଂ.୧୩୩/୨୧)ମାମଲା ରୁଜୁକରି ତାଙ୍କ ସ୍ୱାମୀଙ୍କୁ ଅଟକ ରଖିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତଦନ୍ତ ଜାରି ରହିଛି ବୋଲି ଥାନାଧିକାରୀ ଉମାଶଙ୍କର ସିଂ କହିଛନ୍ତି। ସୂଚନା ମୁତାବକ, ବେଗୁନିଆ ବ୍ଲକ ସିମାପଲ୍ଲୀ ଗ୍ରାମର ଶୋଭା ଯାଜପୁର ଜିଲା କୁରିକଣା ଗ୍ରାମର ସୁକାନ୍ତଙ୍କ ସହିତ ଜାନୁୟାରୀ ୨୪ରେ ବୋଲଗଡ଼ ବ୍ଲକ ଆରିକମା କୋଶଳାଶୁଣୀ ମନ୍ଦିରରେ ବିବାହ ହୋଇଥିଲା। ଦାବି ମୁତାବକ ୧ ଲକ୍ଷ ଟଙ୍କା, ସୁନା ଓ ରୁପା ଅଳଙ୍କାର ଏବଂ ସମସ୍ତ ଆସବାବପତ୍ର ଦିଆଯାଇଥିଲା। ବିବାହ ପରେ ଉଭୟ ସ୍ୱାମୀ ସ୍ତ୍ରୀ ଖୋର୍ଦ୍ଧା ଥାନା ଅଧୀନ ଗାନ୍ଧୀ ପଡ଼ିଆରେ ଭଡ଼ାରେ ରହୁଥିଲେ। ଅଧିକ ଯୌତୁକ ଦାବିରେ ସ୍ୱାମୀ ସୁକାନ୍ତ ଏବଂ ତାଙ୍କର ଜଣେ ଭଉଣୀ ଶୋଭାଙ୍କୁ ନିର୍ଯାତନା ଦେଉଥିଲେ। ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିବାରୁ ଅଧିକ ୫୦ହଜାର ଟଙ୍କା ଦେଇପାରି ନ ଥିଲୁ। ପରେ ଶୋଭାଙ୍କ ଉପରେ ନିର୍ଯାତନା ବଢ଼ି ଚାଲିଥିଲା ବୋଲି ହୃଷୀକେଶ କହିଛନ୍ତି। ଅନ୍ୟପଟେ ମୃତାଙ୍କ ଭାଇ ବାନାମ୍ବର କହିଛନ୍ତି, ମଙ୍ଗଳବାର ରାତିରେ ଶୋଭା ମୋ ସହିତ ଫୋନରେ କଥା ହୋଇଥିଲା। ସ୍ୱାମୀ ଏବଂ ନଣନ୍ଦ ମିଶି ମାଡ଼ ମାରିଥିବା ନେଇ କହିଥିଲା। ଗୁରୁବାର ସକାଳେ ଶୋଭାର ଦେହ ଖରାପ ଥିବାରୁ ମେଡିକାଲରେ ଭର୍ତ୍ତି କରାଯାଇଛି ବୋଲି ଖବର ପାଇଲୁ। ମେଡିକାଲରେ ପହଞ୍ଚିବା ପୂର୍ବରୁ ଶୋଭାଙ୍କ ମୃତ୍ୟୁ ଘଟିଥିଲା। ଶୋଭାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ରହିଛି। ତାଙ୍କୁ ପିଟି ପିଟି ସ୍ୱାମୀ ଏବଂ ନଣନ୍ଦ ହତ୍ୟା କରିଛନ୍ତି ବୋଲି ସେ କହିଛନ୍ତି। ଉଭୟଙ୍କୁ ଗିରଫ ଲାଗି ପରିବାର ଦାବି କରିଛନ୍ତି।

## ୧୦୦ କିଲୋ ଗଞ୍ଜେଇ ଜବତ : ୩ ଗିରଫ

**କଟକ ଅଫିସ, ୧।୪**

ରାଜ୍ୟ ଅବକାରୀ ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ଗୁରୁବାର ଏକ ବୋଲେରୋ ସମେତ ୧୦୦ କିଲୋ ଗଞ୍ଜେଇ ଜବତ କରାଯିବା ସହ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କୋଲକାତାର ସୁଧେୟନ ବିଶ୍ୱାସ(୩୧), ପଶ୍ଚିମବଙ୍ଗ ନଦିଆ ଅଞ୍ଚଳର ଜୁଗଲ ମଣ୍ଡଳ (୩୬) ଏବଂ ଗଞ୍ଜାମ ଜିଲାର ଠାକୁର ନାୟକ (୩୧)। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୦ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ଆକଳନ କରିଛି।

ଫ୍ଲାଇଂ ସ୍କ୍ୱାଡ୍ ଅଧିକାରୀ ସୁଶାନ୍ତ କୁମାର ପାଢ଼ୀଙ୍କ ସୂଚନା ଅନୁଯାୟୀ, ଏକ ବୋଲେରୋ ଗାଡ଼ିରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ନେଇ କଟକ ଫ୍ଲାଇଂ ସ୍କ୍ୱାଡ୍ ଟିମ୍ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା। ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ମଙ୍ଗୁଳି ଛକଠାରେ ସମ୍ପୃକ୍ତ ବୋଲେରୋ ଗାଡ଼ି (ନଂ. ଡବ୍ଲ୍ୟୁବି ୨୬-ଆର୍ ୫୪୪୬) ଉପରେ ଚଢ଼ାଉ କରାଯାଇଥିଲା। ଏହି ଗାଡ଼ିଟି କନ୍ଧମାଳରୁ କୋଲକାତା ଅଭିମୁଖେ ଯାଉଥିଲା। ଗାଡ଼ିରେ ଥିବା ୩ଟି ଅଖାବ୍ୟାଗ୍‌ରୁ ୧୦୦ କିଲୋ ଗଞ୍ଜେଇ ମିଳିଥିଲା। ଫ୍ଲାଇଂ ସ୍କ୍ୱାଡ୍ ଉକ୍ତ ଗାଡ଼ି ଓ ଗଞ୍ଜେଇ ଜବତ କରିବା ସହ ୩ ଚାଲାଣକାରୀଙ୍କୁ ଗିରଫ କରିଥିଲା। ପରେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଡିଏସ୍‌ଇ ସିଦ୍ଧେଶ୍ୱର ବେହେରା, ଆଇଆଇସି ସୁଶାନ୍ତ କୁମାର ପାଢ଼ୀ, ଆଇ.ଇ. ସରୋଜ ପରିଡ଼ା, ଉମାକାନ୍ତ ସ୍ୱାଇଁ, ଏସ୍.ଆଇ ସଚିନ୍ ବେହେରା, ମନିଷା ଭୋଳ ପ୍ରମୁଖ ସାମିଲ ଥିଲେ।


ଜବତ ବୋଲେରୋ ଓ ଗଞ୍ଜେଇ ବସ୍ତା ସହ ଗିରଫ ଅଭିଯୁକ୍ତମାନେ ।

- ବୋଲେରୋ ଉପରେ ଚଢ଼ାଉ କରି ଧରିଲା ଫ୍ଲାଇଂ ସ୍କ୍ୱାଡ୍
- କନ୍ଧମାଳରୁ କୋଲକାତା ଚାଲାଣ ହେଉଥିଲା

### ପୂର୍ବଶତ୍ରୁତାରୁ ଆକ୍ରମଣ: ୩ ଗୁରୁତର

**ଖୋର୍ଦ୍ଧା ଅଫିସ,୧।୪:**

ବାଘମାରୀ ଥାନା ଅଧୀନ ସିମର ଗ୍ରାମରେ ବୁଧବାର ରାତିରେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟିଛି। ଏଥିରେ ୩ଜଣ ଗୁରୁତର ଆହତ ହୋଇଛନ୍ତି। ଏନେଇ ଉଭୟ ପରିବାରଙ୍କ ଅଭିଯୋଗ କ୍ରମେ ପୋଲିସ ଦୁଇଟି ମାମଲା (ନଂ.୨୨/୨୧, ୨୩/୨୧) ରୁଜୁ କରିଛି। ସନ୍ତୋଷ ବେହେରା ଓ ଗୋଲଖ ପ୍ରଧାନ ପଡୋଶୀ ହୋଇଥିବା ବେଳେ ଏମାନଙ୍କ ମଧ୍ୟରେ ପୂର୍ବରୁ ଗଣ୍ଡଗୋଳ ଲାଗି ରହିଛି। ବୁଧବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଉଭୟ ପରିବାର ମଧ୍ୟରେ କୌଣସି କାରଣରୁ ପାଟିତୁଣ୍ଡ ହୋଇଥିଲା। ଗ୍ରାମବାସୀଙ୍କ ହସ୍ତକ୍ଷେପ ପରେ ସମାଧାନ ହୋଇଥିଲା। ରାତି ପ୍ରାୟ ୮ଟାରେ ପୁଣି ପାଟିତୁଣ୍ଡ ହୋଇଥିଲା। ଗୋଲଖଙ୍କ ପୁଅ ମୁନା ଏକ ଟାଙ୍ଗିଆରେ ସନ୍ତୋଷଙ୍କୁ ଆକ୍ରମଣ କରିଥିଲେ। ସେହିପରି ସନ୍ତୋଷଙ୍କ ଝିଅ ଝିଲି ବେହେରା, ପ୍ରଦୀପ୍ତ ବେହେରା ମଧ୍ୟ ଗୁରୁତର ହୋଇଥିଲେ। ଚିକିତ୍ସା ପାଇଁ ଏମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଗୁରୁତର ସନ୍ତୋଷଙ୍କୁ ଏମ୍‌ସକୁ ସ୍ଥାନାନ୍ତର କରାଯାଇଛି।

## ରାଣୀହାଟ ଅଞ୍ଚଳରେ ସେକ୍ସ ର୍‍ୟାକେଟ ଠାବ

### ଘର ମାଲିକଙ୍କ ସମେତ ୪ ଗିରଫ

**କଟକ ଅଫିସ, ୧।୪**

ମଙ୍ଗଳାବାଗ ଥାନା ଅଞ୍ଚଳର ଏକ ଘରୁ ସେକ୍ସ ର୍‍ୟାକେଟ ଠାବ ହୋଇଛି। ଏହି ଘଟଣାରେ ପୋଲିସ ୪ଜଣଙ୍କୁ ଗିରଫ କରିଛି। ମଙ୍ଗଳାବାଗ ଥାନା ଅଧିକାରୀ ଅମିତାଭ ମହାପାତ୍ରଙ୍କ ସୂଚନା ଅନୁଯାୟୀ, ରାଣୀହାଟ ଛକ ନିକଟସ୍ଥ ଏକ ଦୁଇ ମହଲା କୋଠାଘରେ ସେକ୍ସ କାରବାର ଚାଲୁଥିବା ନିର୍ଭରଯୋଗ୍ୟ ସୂତ୍ରରୁ ପୋଲିସ ଖବର ପାଇ ଗୁରୁବାର ସେଠାରେ ଚଢ଼ାଉ କରିଥିଲା। ଏହି ସମୟରେ ଗର୍ଭ ନିରୋଧକ ଔଷଧ ସମେତ ବହୁ ଆପତ୍ତିଜନିତ ସାମଗ୍ରୀ ଜବତ ହୋଇଛି। ଘର ମାଲିକ ମିଟୁଆ ନାୟକଙ୍କ ସମେତ ଦୁଇ ଗ୍ରାହକ ଓ ଜଣେ ଯୁବତୀଙ୍କୁ ପୋଲିସ ଗିରଫ କରିଛି। ଗ୍ରାହକ ଦୁଇଜଣଙ୍କ ମଧ୍ୟରୁ ଜଣେ କେଶରପୁର ଅଞ୍ଚଳର ସେକ୍ ରାଜା ଓ ଅନ୍ୟ ଜଣେ ସଦର ଥାନା ଅନ୍ତର୍ଗତ ଉରାଳି ଅଞ୍ଚଳର ଅନିଲ କୁମାର ନାଏକ ବୋଲି ପୋଲିସ କହିଛି। ଏହି ସେକ୍ସ ର୍‍ୟାକେଟ ବହୁ ଦିନରୁ ଏଠାରେ ଚାଲୁଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ୨୦୧୭ ମସିହାରେ ଏହି ଘରେ ସେକ୍ସ ରାକେଟ ଚାଲୁଥିବା ଖବର ପାଇ ସେ ସମୟରେ ମଙ୍ଗଳାବାଗ ଥାନା ପକ୍ଷରୁ ଚଢ଼ାଉ କରାଯାଇଥିଲା। ତେବେ କୌଶଳ କ୍ରମେ ଘର ମାଲିକ ଖସିଯିବାକୁ ସକ୍ଷମ ହୋଇଥିଲେ।

## ଟିକା ନେଲେ ୪୫ବର୍ଷରୁ ଅଧିକ ବୟସ୍କ

**ପୁରୀ ଅଫିସ, ୧।୪:**

ପୁରୀ ଜିଲାରେ କରୋନା ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ତେଣୁ ପ୍ରଶାସନ ପକ୍ଷରୁ ଟିକାକରଣ ଅଭିଯାନକୁ ଜୋରଦାର କରାଯାଇଛି। ଗୁରୁବାରଠାରୁ ୪୫ବର୍ଷରୁ ଅଧିକ ବୟସ୍କ ଲୋକଙ୍କୁ ଟିକାଦାନ ଆରମ୍ଭ ହୋଇଛି। ବଳିଆପଣ୍ଡା ସ୍ଥିତ ଦୋଳବେଦିକୋଣ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହି ଟିକା ଦିଆଯାଇଛି। ଛୁଟିଦିନରେ ବି ଟିକାକରଣ ହେବ ବୋଲି କୁହାଯାଇଛି।

## ‘ସ୍ମାରକୀ ସ୍ଥାପତ୍ୟ’ ଓ ‘ମାନବିକତାର ପ୍ରତିମୂର୍ତ୍ତି’ ଅନାବରଣର ଝଲକ


କଟକ କ୍ୟାଣ୍ଟନମେଣ୍ଟ ରୋଡସ୍ଥିତ ଗୋପବନ୍ଧୁ ଛକଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ‘ମାନବିକତାର ପ୍ରତିମୂର୍ତ୍ତି’କୁ ଅନାବରଣ କରିବା ପରେ ଉପସ୍ଥିତ ଅତିଥିଙ୍କ ଗହଣରେ ।



**ଲାଇଭ୍ ପୋଟ୍ରେଟ୍** ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଶିଳ୍ପୀ ରବି ନାରାୟଣ ରଥ ମହାତ୍ମା ଗାନ୍ଧୀଙ୍କ ଲାଇଭ୍ ପୋଟ୍ରେଟ ପ୍ରସ୍ତୁତ କରିଥିଲେ। ଏହି ପ୍ରତିକୃତିକୁ ୩ ମିନିଟ ମଧ୍ୟରେ ସେ ନିର୍ମାଣ କରିଥିବା କହିଛନ୍ତି। ଏହାକୁ ସମ୍ପୂର୍ଣ୍ଣ ଭାବେ ମାଟିରେ ନିର୍ମାଣ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଦେଖି କିଛି ସମୟ ପାଇଁ ଅଟକି ଯାଇଥିଲେ।

### ରଙ୍ଗୋଲି କଳାରେ ଗାନ୍ଧୀ

ବେଲ୍‌ଭ୍ୟୁ ପାର୍କ ପରିସରରେ ଗାନ୍ଧିଜୀଙ୍କ କଟକ ଆଗମନର ଚିତ୍ର ରଙ୍ଗୋଲି ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିଲା। ଏହି ରଙ୍ଗୋଲି କଳା ଚିତ୍ରକାର ରାକେଶ ଦାଶ ପ୍ରସ୍ତୁତ କରିଥିଲେ। ୪ଘଣ୍ଟାର ପରିଶ୍ରମରେ ସେ ଏହି ରଙ୍ଗୋଲି ପ୍ରସ୍ତୁତ କରିଥିବା କହିଛନ୍ତି।

### ସହରବାସୀ ଗାନ୍ଧୀଙ୍କ ସ୍ମୃତି ସହିତ ଯୋଡ଼ି ହୋଇ ରହିବେ

ଗାନ୍ଧିଜୀଙ୍କ କଟକ ଆଗମନର ୧୦୦ ବର୍ଷ ପୂର୍ତ୍ତି ଉଦ୍ଦେଶ୍ୟରେ ଏହି ପାର୍କ ନିର୍ମାଣ କରାଯାଇଛି । ଜିଲା ପ୍ରଶାସନର ଏହି ପ୍ରକାର ପଦକ୍ଷେପ ସ୍ୱାଗତଯୋଗ୍ୟ । ଗାନ୍ଧିଜୀଙ୍କ ଚିନ୍ତାଧାରା ଦେଶକୁ ଯୋଡ଼ି ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସୁଛି । ଏହି ପାର୍କରେ କଟକ ସହରବାସୀ ଗାନ୍ଧୀଙ୍କ ସ୍ମୃତି ସହିତ ଯୋଡ଼ି ହୋଇପାରିବେ । ଗାନ୍ଧୀଙ୍କ ବିଚାରଧାରାରେ ସହରବାସୀ ଓ ଯୁବ ବର୍ଗ ଅନୁପ୍ରାଣିତ ହୋଇଛନ୍ତି। ଯାହାଦ୍ୱାରା କଟକର ଭାଇଚାରା ଅଧିକ ସୁଦୃଢ଼ ହେବ ବୋଲି କଟକ ବାରବାଟୀ ବିଧାୟକ ମହମ୍ମଦ ମୋକିମ କହିଛନ୍ତି।

### ୯ମାସରେ ନିର୍ମାଣ ହୋଇଛି ପାର୍କ

ବେଲ୍‌ଭ୍ୟୁ ପାର୍କ ବର୍ତ୍ତମାନ ଦେଢ଼ ଏକର ଜମିରେ ପ୍ରସ୍ତୁତ ହୋଇଥିବାବେଳେ ମୋଟ ଜାଗା ୨.୫୨ ଏକର ରହିଛି। ପ୍ରାୟ ୯ମାସ ମଧ୍ୟରେ ଏହି ପାର୍କକୁ ନିର୍ମାଣ କରାଯାଇଛି। ତେବେ ଆଗାମୀ ଦିନରେ ଏହି ପାର୍କକୁ ଅଧିକ ସମ୍ପ୍ରସାରଣ କରିବାର ଯୋଜନା ରହିଛି ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

### ପାର୍କରେ ବାଜିବ ଗାନ୍ଧିଜୀଙ୍କ ପ୍ରିୟ ଗୀତ

ପାର୍କରେ ସେନ୍‌ସର ମାଧ୍ୟମରେ ଗାନ୍ଧିଜୀଙ୍କ ପସନ୍ଦର ଗୀତ ବାଜିବାର ବ୍ୟବସ୍ଥା କରାଯାଇଛି । ବ୍ରୋଞ୍ଜ ନିର୍ମିତ ଗାନ୍ଧୀଜୀଙ୍କ ହାତ ପାପୁଲିର ଆକୃତି ତିଆରି କରାଯାଇଛି। ପାର୍କକୁ ଭ୍ରମଣ କରିବାକୁ ଆସୁଥିବା ଲୋକମାନେ ଉକ୍ତ ପାପୁଲିରେ ହାତ ରଖିଲେ ଗୀତ ବାଜିବ। ଖରା, ବର୍ଷା, ଶୀତରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ରହିବ। ଆଗାମୀ ଦିନରେ ଏହି ବ୍ୟବସ୍ଥାକୁ ଆହୁରି ଉନ୍ନତ ଧାରଣର କରାଯିବ ବୋଲି ଏହାର ପ୍ରସ୍ତୁତକର୍ତ୍ତା ପ୍ରଦୀପ୍ତ କୁମାର ପାଣିଗ୍ରାହୀ କହିଛନ୍ତି ।


ବେଲ୍‌ଭ୍ୟୁ ପାର୍କଠାରେ ମହାତ୍ମା ଗାନ୍ଧୀଙ୍କ ପ୍ରଥମ ଓଡ଼ିଶା ପଦାର୍ପଣର ସ୍ମାରକୀ ସ୍ଥାପତ୍ୟ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥିବୃନ୍ଦ ।

## ଭୁବନେଶ୍ୱର ଓକିଲଙ୍କୁ ମିଳିବ କରୋନା ଟିକା

**ଭୁବନେଶ୍ୱର,(ବ୍ୟୁରୋ):** ଭୁବନେଶ୍ୱର ଓକିଲ ସଂଘର ସମସ୍ତଙ୍କୁ ଦିଆଯିବ କରୋନା ଟିକା। ପ୍ରାଥମିକ ପର୍ଯ୍ୟାୟରେ ୪୫ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ଓକିଲଙ୍କୁ ଆସନ୍ତା ସୋମବାରଠାରୁ କୋର୍ଟ ପରିସରରେ ଟିକା ଦିଆଯିବ ବୋଲି ସଂଘର ସମ୍ପାଦକ ରାଜକିଶୋର ଦାସ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଉପଯୁକ୍ତ ପରିଚୟ ପ୍ରମାଣପତ୍ର ଦେଖାଇ ଓକିଲମାନେ ଟିକା ନେଇପାରିବେ। ଏନେଇ ମୁଖ୍ୟ ଜିଲା ସ୍ୱାସ୍ଥ୍ୟ ଅଧିକାରୀ(ସିଡିଏମଓ)ଙ୍କୁ ଅନୁରୋଧ କରାଯାଇଥିଲା। ସିଡିଏମ୍‌ଓ ଓକିଲଙ୍କ ପ୍ରସ୍ତାବକୁ ଗ୍ରହଣ କରିଥିବା ସେ କହିଛନ୍ତି।

## ସଂକ୍ଷେପରେ

### ଯୌତୁକ ଦାବିରେ ନବବଧୂ ହତ୍ୟା ଅଭିଯୋଗ, ସ୍ୱାମୀ ଗିରଫ

**ବାଙ୍କୀ,୧।୪(ସ୍ୱ.ପ୍ର.):** ବାଙ୍କୀ ଥାନା ଅନ୍ତର୍ଗତ କୁସୁପଙ୍ଗି ପଞ୍ଚାୟତ ନିସ୍ତିପୁର ଗ୍ରାମରେ ଯୌତୁକ ପାଇଁ ନବବଧୂଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଡିଗିରିଆସ୍ଥିତ ଜନାର୍ଦ୍ଦନ ନାୟକଙ୍କ ଝିଅ ସୁଚିତ୍ରା(୨୩)। ଏହି ଅଭିଯୋଗରେ ପୋଲିସ ଅଭିଯୁକ୍ତ ସ୍ୱାମୀ ପ୍ରଶାନ୍ତ ନାୟକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରଶାନ୍ତ ଓ ସୁଚିତ୍ରାଙ୍କ ୨ ବର୍ଷ ପୂର୍ବେ ବିବାହ ହୋଇଥିଲା। ଜନାର୍ଦ୍ଦନ ୩୦ ହଜାର ଟଙ୍କା ଯୌତୁକ ଦେଇଥିଲେ। ମାତ୍ର ବିବାହ ପରେ ବଳକା ୨୦ହଜାର ଟଙ୍କା ନ ମିଳିବାରୁ ଶ୍ୱଶୁର ଘର ଲୋକେ ନିର୍ଯାତନା ଦେଉଥିଲେ। ବୁଧବାର ରାତିରେ ଯୌତୁକ ଅର୍ଥ ଦାବି କରି ଝିଅକୁ ମାଡ଼ ମାରି ହତ୍ୟା କରାଯାଇଛି ବୋଲି ଜନାର୍ଦ୍ଦନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ମାମଲା (ନଂ.୮୯/୨୧)ରୁଜୁ କରି ତଦନ୍ତ ଚାଲିଛି ବୋଲି ଥାନାଧିକାରୀ ଦେବେନ୍ଦ୍ର ମଲ୍ଲିକ ସୂଚନା ଦେଇଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସମିତି ସଭ୍ୟଙ୍କ ଧାରଣା

**ବାଙ୍କୀ,୧।୪(ସ୍ୱ.ପ୍ର.):** ବାଙ୍କୀ ବ୍ଲକ ଅନ୍ତର୍ଗତ ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କୋଭିଡ ଟିକାକରଣ ଚାଲିଥିବାବେଳେ ଡାକ୍ତର ରହୁ ନ ଥିବା ଅଭିଯୋଗ କରି ଗୁରୁବାର ସମିତି ସଭ୍ୟ ତଥା ବାଙ୍କୀ ଓକିଲ ସଂଘ ସମ୍ପାଦକ ବିଶ୍ୱରଞ୍ଜନ ପଣ୍ଡା ଗୁରୁବାର ଧାରଣା ଦେଇଥିଲେ। ତାଙ୍କ ଅଭିଯୋଗ ଅନୁଯାୟୀ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବିଭିନ୍ନ ବିଭାଗରେ କାର୍ଯ୍ୟରତ ଡାକ୍ତରମାନେ ନିଜ ଇଚ୍ଛା ଅନୁସାରେ ରୋଗୀ ସେବା କରିବାକୁ ଆସୁଛନ୍ତି। ଦିନ ପ୍ରାୟ ୨ଟା ବେଳକୁ ସ୍ୱାସ୍ଥ୍ୟକେନ୍ଦ୍ର ଛାଡ଼ି ଚାଲିଯାଉଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ କେବଳ ରାତ୍ରି ଜଗୁଆଳି ବ୍ୟତୀତ ଆଉ କେହି ରହୁ ନଥିବା ସେ ଅଭିଯୋଗ କରିଥିଲେ। ଫଳରେ ରୋଗୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପାଇଁ ରୋଗୀ ବହୁ ସମୟରେ କଟକ, ଆଠଗଡ଼ ଓ ବାଙ୍କୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରିବାକୁ ବାଧ ହେଉଛନ୍ତି। ଏ ସମ୍ପର୍କରେ ବାରମ୍ବାର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ଆଲୋଚନା ହୋଇଥିବା ବେଳେ କୌଣସି ସୁଫଳ ମିଳୁନାହିଁ ବୋଲି ସେ କହିଛନ୍ତି। ଖବରପାଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା. ଅମରେଶ ସାହୁ ଓ ତହସିଲଦାର ସତ୍ୟନାରାୟଣ ପଣ୍ଡା ଧାରଣା ସ୍ଥଳରେ ପହଞ୍ଚି ପଣ୍ଡାଙ୍କୁ ବୁଝାଶୁଝା କରିଥିଲେ। ଉପଜିଲାପାଳଙ୍କ ସହ ଆଲୋଚନା କରି ଉକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ନିରନ୍ତର ସେବା ଯୋଗାଇ ଦିଆଯିବ ବୋଲି ତହସିଲଦାର ପଣ୍ଡା ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ସମିତି ସଭ୍ୟ ପଣ୍ଡା ଧାରଣରୁ ଉଠିଥିଲେ।

### ଓଡ଼ିଆ ଭାଷା ପ୍ରତିଷ୍ଠାନର ପ୍ରତିଷ୍ଠା ଦିବସ

**ଭୁବନେଶ୍ୱର, ୧।୪ (ବ୍ୟୁରୋ):** ଓଡ଼ିଆ ଭାଷା ପ୍ରତିଷ୍ଠାନର ୧୬ତମ ପ୍ରତିଷ୍ଠା ଦିବସ ଗୁରୁବାର ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ବିଭାଗର ଅତିରିକ୍ତ ଶାସନ ସଚିବ ଅରିନ୍ଦମ ଡାକୁଆ ସଭାପତିତ୍ୱ କରି ଓଡ଼ିଆ ଅସ୍ମିତା ଓ ଅନନ୍ୟ ପରିଚୟକୁ ନେଇ ଆମେ ଗର୍ବ କରିବାର ସମୟ ଆସିଛି ବୋଲି କହିଥିଲେ। ଓଡ଼ିଆ ଭାଷାକୁ ଆହୁରି ବ୍ୟାପକ କରିବାକୁ ହେଲେ ଏହାର ଅଧିକରୁ ଅଧିକ ବ୍ୟବହାର ଆବଶ୍ୟକ ରହିଛି। ଏଥିସହ ଭାଷାକୁ ସଂକୁଚିତ ନ କରି ସମୃଦ୍ଧଶାଳୀ କରିବା ଦରକାର ବୋଲି ସେ ମତ ଦେଇଥିଲେ। ଏହି ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ସଂସ୍କୃତି ବିଭାଗ ଅଧିନସ୍ଥ ଓଡ଼ିଆ ଭାଷା ପ୍ରତିଷ୍ଠାନ ଦ୍ୱାରା ପୂର୍ବରୁ ବହୁ ଲୋକପ୍ରିୟତା ସାଉଣ୍ଟିଥିବା 'ଶିଶୁଲେଖା' ପତ୍ରିକାର ପୁନଃ ପ୍ରକାଶନ ତଥା ଉନ୍ମୋଚନ କରାଯାଇଥିଲା। ଏହା ମହାତ୍ମାଗାନ୍ଧୀଙ୍କ ପାଇଁ ସମର୍ପିତ ଏକ ବିଶେଷ ସଂଖ୍ୟା। ବହିରେ ସ୍ଥାନ ପାଇଥିବା ସମସ୍ତ ଚିତ୍ରଗୁଡ଼ିକୁ ବଳଦେବ ମହାରଥା ସଂପାଦନା କରିଛନ୍ତି। ଏଥିସହ 'ଉତ୍କଳ ଦିବସ' ପୁସ୍ତକ ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଆ, ଭାଷା, ସାହିତ୍ୟ ଓ ସଂସ୍କୃତି ତଥା ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଉଦ୍‌ଘାଟକ ଭାବେ ଯୋଗଦେଇଥିବାବେଳେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଡ. ବିଷ୍ଣୁପଦ ସେଠୀ ମୁଖ୍ୟ ଅତିଥି, ବିଶିଷ୍ଟ କବି ତଥା ଅବସରପ୍ରାପ୍ତ ଉନ୍ନୟନ କମିଶନର ରବି ନାରାୟଣ ସେନାପତି ସମ୍ମାନିତ ଅତିଥି, ବିଶିଷ୍ଟ ଭାଷାବିତ୍ ଅରବିନ୍ଦ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଦୁଇ ପୁସ୍ତକ ଉପରେ କହିଥିଲେ। ପ୍ରତିଷ୍ଠାନର ନିର୍ଦ୍ଦେଶକ ଡ଼. ଭାଗ୍ୟଲିପି ମଲ୍ଲ କାର୍ଯ୍ୟକ୍ରମ ପରିଚାଳନା ଓ ଇନ୍ଦ୍ରମଣି ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

# ବରପୁତ୍ରଙ୍କ ତ୍ୟାଗରେ ଗଠନ ହୋଇଛି ସ୍ୱତନ୍ତ୍ର ରାଜ୍ୟ



ଉତ୍ସବରେ ଯୋଗ ଦେଇଥିବା ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, ଏମ୍‌ପି ଓ ବିଧାୟକ।

## ଜିଲାସ୍ତରୀୟ ଓଡ଼ିଶା ଦିବସ ସମାରୋହ

**କଟକ ଅଫିସ, ୧।୪**

ଓଡ଼ିଶା ସାମାଜିକ, ଅର୍ଥନୈତିକ, ଧାର୍ମିକ, ସାଂସ୍କୃତିକ ଓ ସାମରିକ ବିଭାଗରେ ସମଗ୍ର ପୃଥିବୀରେ ପରିଚିତ ହୋଇଥିଲା। ହେଲେ ପରାଧୀନତାର କଷାଘାତରେ ଓଡ଼ିଶା ନିଜର ଗୌରବ ଓ ବିଭବ ହରାଇବାକୁ ବାଧ୍ୟ ହେଲା। ଉତ୍କଳ ଜନନୀର ବରପୁତ୍ର ଉତ୍କଳଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ, ମହାରାଜା ରାମଚନ୍ଦ୍ର ଭଞ୍ଜଦେଓ, ରାଜା ହରିହର ମର୍ଦ୍ଦରାଜ, ବ୍ୟାସକବି ଫକୀରମୋହନ ସେନାପତି, ସ୍ୱଭାବ କବି ଗଙ୍ଗାଧର ମେହେର ପ୍ରମୁଖଙ୍କ ୧୮୮୦ରୁ ୧୯୩୬ ମସିହା ପର୍ଯ୍ୟନ୍ତ ତ୍ୟାଗ, ତପସ୍ୟା, ନିଷ୍ଠା ଓ ଦେଶପ୍ରେମର ଅପୂର୍ବ ନିଦର୍ଶନ ସ୍ୱତନ୍ତ୍ର ଓଡ଼ିଶା ଗଠନ କରିବାରେ ସହାୟକ ହୋଇଥିଲା। ତଥାପି ଷଡ଼େଇକଳା, ଖରସୁଆଁ ପ୍ରଭୃତି ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଏପର୍ଯ୍ୟନ୍ତ ପଡ଼ୋଶୀ ରାଜ୍ୟରେ ରହିଛି। ଇତିମଧ୍ୟରେ ୮୫ବର୍ଷ ବିତିଯାଇଛି। ସ୍ୱତନ୍ତ୍ର ଓଡ଼ିଶା ତା'ର ପ୍ରାକୃତିକ ସୌନ୍ଦର୍ଯ୍ୟ, ଖଣିଜ ସମ୍ପଦ, ପର୍ଯ୍ୟଟନ ସମ୍ବଳ ଓ ସାଂସ୍କୃତିକ ସମ୍ପଦ ନିମନ୍ତେ ସାରା ପୃଥିବୀରେ ଦୃଷ୍ଟି ଆକର୍ଷଣ କରିପାରିଛି। ରାଜ୍ୟରେ ଥିବା ମନ୍ଦିର, ନୃତ୍ୟ ସଂଗୀତ, ଭାସ୍କର୍ଯ୍ୟ, ଚାରୁ ଓ କାରୁକଳା, ମହାନ ଶାସ୍ତ୍ରୀୟ ଭାଷା, ଖାଦ୍ୟପାନୀୟ, ହସ୍ତଶିଳ୍ପ ଇତ୍ୟାଦି ଓଡ଼ିଶାର ପରିଚିତକୁ ସୁଦୃଢ଼ କରିଛି। ସେହିପରି ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ, ବାନ୍ଧକଳା ସାଙ୍ଗକୁ କଟକର ରୁପା ତାରକସୀ ପ୍ରସିଦ୍ଧ ଲାଭ କରିପାରିଛି। ବେଲ୍‌ଭ୍ୟୁ ଛକସ୍ଥିତ ଗାନ୍ଧୀ ସ୍ମାରକୀ ସମ୍ମୁଖ ନବନିର୍ମିତ ମଞ୍ଚଠାରେ ଗୁରୁବାର ଆୟୋଜିତ ଜିଲାସ୍ତରୀୟ ଓଡ଼ିଶା ଦିବସ ସମାରୋହରେ ଅର୍ଥ ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ଜିଲା ପ୍ରଶାସନ ଓ ସିଏମ୍‌ସିର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ସମାରୋହରେ ଏମ୍‌ପି ଭର୍ତ୍ତୃହରି ମହତାବ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଏଥିରେ ସମ୍ମାନନୀୟ ଅତିଥି ଭାବେ ରାଜ୍ୟସଭା ସଦସ୍ୟ ସୁବାସ ସିଂ, ବାରବାଟୀ ବିଧାୟକ ଇଂ. ମହମ୍ମଦ ମୋକିମ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ଜିଲା ପରିଷଦ ଅଧ୍ୟକ୍ଷା ଜ୍ୟୋତିରେଖା ନାୟକ, ସିଏମ୍‌ସି କମିଶନର ଅନନ୍ୟା ଦାସ ଯୋଗଦେଇଥିଲେ। ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ଅଧ୍ୟକ୍ଷତାରେ ଉକ୍ତ ସମାରୋହ ଅନୁଷ୍ଠିତ ହୋଇଥିଲା। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ କୁମାର ଷଡ଼ଙ୍ଗୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଜିଲା ବିଜ୍ଞାନ ସୁପରଭାଇଜର ଅକ୍ଷୟ ଷଡ଼ଙ୍ଗୀ ମଞ୍ଚ ପରିଚାଳନା କରିଥିଲେ।



ଭୁବନେଶ୍ୱରସ୍ଥିତ ରାଜଭବନ ଛକରେ ଗୁରୁବାର ଓଡ଼ିଶା ଦିବସ ପାଳନ ଅବସରରେ ବରପୁତ୍ର ମଧୁସୂଦନ ଦାସଙ୍କୁ ଉତ୍କଳ ସମ୍ମିଳନୀ ପକ୍ଷରୁ ମାଲ୍ୟାର୍ପଣ କରାଯାଉଛି।

## ପୋଲିସ ସେବା ଭବନରେ 'ବନ୍ଦେ ଉତ୍କଳ ଜନନୀ' ଗାନ

**ଭୁବନେଶ୍ୱର,୧।୪(ବ୍ୟୁରୋ)**

ଓଡ଼ିଶା ଦିବସ ପାଳନ ଅବସରରେ ଗୁରୁବାର ଭୁବନେଶ୍ୱରସ୍ଥିତ ପୋଲିସ ସେବା ଭବନରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରିବେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟା ସାଢେ ୭ଟାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କଣ୍ଠଶିଳ୍ପୀ ବର୍ଣ୍ଣାଳି ହୋତା କମିଶନରେଟ୍ ପୋଲିସର ବ୍ୟାଣ୍ଡ ତାଳେ ତାଳେ 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତ ପରିବେଷଣ କରିଥିଲେ। ଅତିରିକ୍ତ ପୋଲିସ କମିଶନର ରେଖା ଲୋହାନୀ, ଡିସିପି ଉମାଶଙ୍କର ଦାଶଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ ସିନେ ତାରକା ଉପସ୍ଥିତ ଥିଲେ। କମିଶନରେଟ୍ ପୋଲିସ ପକ୍ଷରୁ ୟୁଟ୍ୟୁବ୍ ଓ ଫେସ୍‌ବୁକ୍‌ରେ ଏହି କାର୍ଯ୍ୟକ୍ରମର ଲାଇଭ୍ ପରିବେଷଣ କରାଯାଇଥିଲା।

# ଓଡ଼ିଶା ଦିବସରେ ବରପୁତ୍ରଙ୍କ ସ୍ମୃତିଚାରଣ




ମହାରାଜ ରାମଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତ୍ତିରେ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟି ପକ୍ଷରୁ ମାଲ୍ୟାର୍ପଣ କରାଯାଉଛି।

## ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟି ପକ୍ଷରୁ ମାଲ୍ୟାର୍ପଣ

**ଭୁବନେଶ୍ୱର, ୧।୪ (ବ୍ୟୁରୋ)**

ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟି ପକ୍ଷରୁ ୮୫ତମ ଓଡ଼ିଶା ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ଉତ୍କଳ ଗୌରବ ମଧୁସୂଦନ ଦାସ, ପାରଳା ଗଜପତି କୃଷ୍ଣଚନ୍ଦ୍ର ନାରାୟଣ ଦେବ, ଉତ୍କଳମଣି ଗୋପବନ୍ଧୁ ଦାସ, ବାମଣ୍ଡା ରାଜା ସାର୍ ବାସୁଦେବ ସୁଢଳଦେବ, ଉତ୍କଳ ସମ୍ମିଳନୀର ପ୍ରଥମ ସଭାପତି ମୟୂରଭଞ୍ଜ ମହାରାଜ ରାମଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ସେମାନଙ୍କ ସ୍ମୃତିଚାରଣ କରାଯାଇଥିଲା। ଓଡ଼ିଶାର ଉତ୍କଟ ସୀମା ସମସ୍ୟାର ନିର୍ଦ୍ଦିଷ୍ଟ ଫଳପ୍ରସୂ ପ୍ରତିକାର କରିବା, ସରକାରୀ ନଥିରେ ଓଡ଼ିଆ ଭାଷାକୁ ବାଧ୍ୟତାମୂଳକ ଭାବେ ବ୍ୟବହାର କରାଯିବା ଓ ଏହାର ଉଲ୍ଲଂଘନକାରୀଙ୍କୁ ଦଣ୍ଡିତ କରିବା ସଂକ୍ରାନ୍ତରେ ରାଜପତ୍ର ପ୍ରକାଶ କରାଯିବା ପାଇଁ ଅତିଥିମାନେ ଦାବି କରିଥିଲେ। ଏହା ନ ହେଲେ ଓଡ଼ିଆ ଭାଷା ପ୍ରତି ରାଜ୍ୟ ସରକାରଙ୍କ ଦରଦ ଓ ପ୍ରତିଶ୍ରୁତି କେବଳ କୁମ୍ଭୀର କାନ୍ଦଣା ବୋଲି ପୁନର୍ବାର ସ୍ପଷ୍ଟ ହୋଇଯିବ ବୋଲି ମତପ୍ରକାଶ ପାଇଥିଲା। ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟିର ସାଧାରଣ ସମ୍ପାଦକ ଡ. ରାଧାନାଥ ପ୍ରହରାଜଙ୍କ ସମେତ ଇଂ. ସତ୍ୟଜିତ୍ ନାୟକ, ଇଂ. ଜିତେନ୍ଦ୍ର ପାଢୀ, ତ୍ରିନାଥ ସାମନ୍ତରାୟ, ପଠାଣି ଜେନା, ଗିରିଜା ଶଙ୍କର ମହାପାତ୍ର, ଯୁଗଳ କିଶୋର ନାୟକ, ଭରତ କୁମାର ଜେନା, ଗୁଣ୍ଡିଚା ବେହେରା ପ୍ରମୁଖ ଯୋଗଦେଇଥିଲେ।

# ୪ ଜୈବସାର ପ୍ରକ୍ରିୟାକରଣ କେନ୍ଦ୍ର ଉଦ୍‌ଘାଟିତ



ବିଧାୟକ ସୁଶାନ୍ତ ରାଉତ ଏକ ଜୈବସାର ପ୍ରକ୍ରିୟାକରଣ କେନ୍ଦ୍ରକୁ ଉଦ୍‌ଘାଟନ କରୁଛନ୍ତି।

**ଭୁବନେଶ୍ୱର, ୧।୪(ବ୍ୟୁରୋ)**

ଉତ୍ତର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ୱାର୍ଡ ନମ୍ବର ୩ର ପଟିଆ କାନନ ବିହାର, ୮ ନମ୍ବର ୱାର୍ଡର ଗୋପବନ୍ଧୁ ଷ୍ଟାଡିୟମ, ୧୩ ନମ୍ବର ୱାର୍ଡର ନିଳାଦ୍ରୀ ବିହାର ଏବଂ ୨୨ ନମ୍ବର ଭରତପୁର ଠାରେ ୪ଟି କ୍ଷୁଦ୍ର ଜୈବସାର ପ୍ରକ୍ରିୟା କରଣ କେନ୍ଦ୍ର ପ୍ରତିଷ୍ଠା ହୋଇଛି। ଏହାସହ ନିଳାଦ୍ରୀବିହାର ମେଡିକାଲ କ୍ୟାମ୍ପସ ଭିତରେ ଏକ ବ୍ୟାୟାମଶାଳାକୁ ମଧ୍ୟ ବିଧାୟକ ସୁଶାନ୍ତ ରାଉତ ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟିତ ହୋଇଥିବା କ୍ଷୁଦ୍ର ଜୈବସାର କେନ୍ଦ୍ର ହେବା ଦ୍ୱାରା ବିଏମ୍‌ସି ଆହୁରି ସ୍ୱଚ୍ଛ ଏବଂ ନିର୍ମଳ ହେବା ସହିତ ଏଥିରୁ ବାହାରୁଥିବା ଜୈବିକ ଖତକୁ ଚାଷୀମାନେ ଏବଂ ଘର, ବାଡି ବଗିଚାରେ କାମ କରୁଥିବା ଚାଷୀ ବ୍ୟବହାର କରି ଏହାର ସୁଫଳ ପାଇପାରିବେ ବୋଲି ବିଧାୟକ ନିଜ ଅଭିଭାଷଣରେ କହିଛନ୍ତି। ଏହି ପ୍ରକଳ୍ପ ହେବା ଦ୍ୱାରା ପ୍ରତ୍ୟେକ ଦିନ ବାହାରୁଥିବା ଅଳିଆ ଆବର୍ଜନା ଭୁଆଶୁଣିକୁ ନ ଯାଇ ନିଜ ଅଞ୍ଚଳରେ ଥିବା ଜୈବସାର ପ୍ରକ୍ରିୟାକରଣ କେନ୍ଦ୍ରରେ ପଡି ଜୈବିକ ସାରରେ ପରିଣତ ହେବ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ୱାର୍ଡର ବହୁ ବିଜେଡି କର୍ମୀ ଏବଂ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।

# ଜଟଣୀରୁ ଅପହୃତ ଯୁବକ ଭୁବନେଶ୍ୱରରୁ ଉଦ୍ଧାର

## ୩ ଅପହର୍ତ୍ତା ଗିରଫ

**ଭୁବନେଶ୍ୱର,୧।୪(ବ୍ୟୁରୋ)**

ଜଟଣୀ ଥାନା କୁଦିଆରି ଅଞ୍ଚଳରୁ ୩ଦିନ ହେବ ଅପହୃତ ହୋଇ ମୁଣ୍ଡ ଜାମିନରେ ଥିବା ଜଗବନ୍ଧୁ ବାରିକଙ୍କୁ କ୍ୟାପିଟାଲ ଥାନା ପୋଲିସ ଉଦ୍ଧାର କରିଛି। ଏଥିସହ ୩ ଅପହର୍ତ୍ତାଙ୍କୁ ପୋଲିସ ନାଟକୀୟ ଢଙ୍ଗରେ ଗିରଫ କରିବା ସହ ଅପହରଣରେ ବ୍ୟବହୃତ ୨ ବାଇକ ଓ ମୋବାଇଲ ଫୋନ୍ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଜଟଣୀ ଥାନା ଅଞ୍ଚଳର ସୁବର୍ଣ୍ଣ କେଶରୀ ମହାରଥୀ ଓରଫ କାବୁ, ଶିବା ସୁନ୍ଦର ସ୍ୱାଇଁ ଓ ଡେଲାଙ୍ଗ ଥାନା ଅଞ୍ଚଳର କେଶବ ପ୍ରଧାନ ଓରଫ ଜୁବୁଲା। ସୂଚନା ମୁତାବକ, ଗତ ସୋମବାର ଜଗବନ୍ଧୁଙ୍କୁ ୩ ଅଭିଯୁକ୍ତ ବାଇକରେ ଅପହରଣ କରିବା ପରେ ଭୁବନେଶ୍ୱରର ଏକ ଅଜ୍ଞାତ ସ୍ଥାନରେ ମୁଣ୍ଡ ଜାମିନ କରି ରଖିଥିଲେ। ତାଙ୍କୁ ପ୍ରବଳ ମାଡ଼ ମାରିବା ସହ ସ୍ତ୍ରୀଙ୍କୁ ଫୋନ୍ କରି ଟଙ୍କା ଓ ସୁନା ଅଳଙ୍କାର ଦାବି କରିଥିଲେ। ଏସବୁ ନ ଦେଲେ ଜଗବନ୍ଧୁଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। କ୍ୟାପିଟାଲ ହସ୍ପିଟାଲ ପଛ ପାର୍ଶ୍ୱ ଏକ ସ୍ଥାନରେ ଟଙ୍କା ଓ ଅଳଙ୍କାର ଦେବାକୁ ତାଙ୍କ ସ୍ତ୍ରୀ ସୁଚିସ୍ମିତାଙ୍କୁ କହିଥିଲେ। ଶେଷରେ କୌଣସି ଉପାୟ ନ ପାଇ ସୁଚିସ୍ମିତା ଗତ ୩୧ ତାରିଖରେ କ୍ୟାପିଟାଲ ଥାନା ପୋଲିସକୁ ଜଣାଇଥିଲେ। ଏସ୍‌ଆଇ ସନ୍ତୋଷିନୀ ଦାସଙ୍କ ନେତୃତ୍ୱରେ ଏକ ଟିମ ଗଠନ ହୋଇଥିଲା। ୩ ଅଭିଯୁକ୍ତଙ୍କ ମୋବାଇଲ ଫୋନକୁ ଟ୍ରାକ୍ କରି ପୋଲିସ ଅଭିଯୁକ୍ତଙ୍କୁ ଧରିବା ପାଇଁ ଯୋଜନା କରିଥିଲା। ଅପହର୍ତ୍ତାଙ୍କ କହିବା ମୁତାବକ ସୁଚିସ୍ମିତା ଟଙ୍କା ଓ ସୁନା ଦେବାକୁ ଅଟୋରେ ଯାଉଥିବାବେଳେ ପୋଲିସ ଦୂରରେ ରହି ପିଛା କରିଥିଲା। କ୍ୟାପିଟାଲ ହସ୍ପିଟାଲ ପଛ ପାର୍ଶ୍ୱ ନିର୍ଦ୍ଧାରିତ ସ୍ଥାନରେ ଅଭିଯୁକ୍ତଙ୍କ ନିକଟରେ ପହଞ୍ଚିବାକ୍ଷଣି ପୋଲିସ ଚଢାଉ କରି ୩ ଅଭିଯୁକ୍ତଙ୍କୁ କାବୁ କରିବା ସହ ଜଗବନ୍ଧୁଙ୍କୁ ଉଦ୍ଧାର କରିଥିଲା।

## ଆରମ୍ଭ ହେଲା ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା

**ଭୁବନେଶ୍ୱର, ୧।୪ (ବ୍ୟୁରୋ)**

ସଂଭାବନା ଟ୍ରଷ୍ଟ ପକ୍ଷରୁ ଅଭିଯାନ ଓଡ଼ିଆ ମହୋତ୍ସବର ପ୍ରମୁଖ କାର୍ଯ୍ୟକ୍ରମ ତଥା ମୁଖ୍ୟ ଆକର୍ଷଣ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା ଓଡ଼ିଶା ଦିବସ ଅବସରରେ ଆରମ୍ଭ ହୋଇଛି। ୟୁନିଟ୍-୨ ପ୍ରାଥମିକ ବିଦ୍ୟାଳୟର ମୁକ୍ତାକାଶ ମଞ୍ଚରେ ଓଡ଼ିଆଣୀଙ୍କ ଭଳିକି ଭଳି ସୁସ୍ୱାଦୁ ଓଡ଼ିଆ ପିଠାର ବାସ୍ନା ମଧ୍ୟରେ ଶଙ୍ଖଫୁଙ୍କାରୁ ଆରମ୍ଭ ହୋଇଥିଲା ପ୍ରତିଯୋଗିତା। ଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀ, ସଂଗୀତଜ୍ଞ କିଶୋର ପଟ୍ଟନାୟକ, ୨୦୧୯ର ଶ୍ରେଷ୍ଠ ଓଡ଼ିଆଣୀ ମୀନା ପାଣିଗ୍ରାହୀ, ଓଡିଆଣୀ ସମିତିର ସଂଯୋଜିକା ସୌଦାମିନୀ ସାମଲ ଉପସ୍ଥିତ ଥିଲେ। ସଂଭାବନା ଅଧ୍ୟକ୍ଷ ଶରତଚନ୍ଦ୍ର ଅଧ୍ୟକ୍ଷତା କରିଥିବାବେଳେ ପରିଚାଳନା ତ୍ରୁଷ୍ଟି ଦେବ ପ୍ରସାଦ ପରିଜା ସୂଚନା ପ୍ରଦାନ କରିଥିଲେ। କଣ୍ଠଶିଳ୍ପୀ ଅର୍ଣ୍ଣବ ପଣ୍ଡା, ବିପୁଳ ଓ ଛନ୍ଦା ମିଶ୍ର ସଙ୍ଗୀତ ଗାନ କରିଥିଲେ। ବିଚାରକ ଭାବେ ଆର୍ଯ୍ୟା ପାଣିଗ୍ରାହୀ, ପ୍ରକାଶ ଚନ୍ଦ୍ର ତ୍ରିପାଠୀ ଓ ସନ୍ତୋଷ ପାତ୍ର ଉପସ୍ଥିତ ଥିଲେ। ଅଭୀପ୍ସା ଭଞ୍ଜ ନୃତ୍ୟାଭିନୟ ପରିବେଷଣ କରିଥିଲେ।

## ଆଜି ଆସିବେ ଉପରାଷ୍ଟ୍ରପତି

**ଭୁବନେଶ୍ୱର,୧।୪(ବ୍ୟୁରୋ)**

ଉପରାଷ୍ଟ୍ରପତି ଏମ୍. ଭେଙ୍କୟାନାଇଡୁ ଶୁକ୍ରବାରଠାରୁ ୨ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ତାଙ୍କ ଗସ୍ତକୁ ଦୃଷ୍ଟିରେ ରଖି କମିଶନରେଟ୍ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଭୁବନେଶ୍ୱରରେ ୪୦ପ୍ଲାଟୁନ୍ ଫୋର୍ସ ମୁତୟନ ରହିବେ। ୧୩୦ ପୋଲିସ ଅଫିସର ଏହାର ତଦାରଖ କରିବେ। ଏୟାରପୋର୍ଟ, ଏଜି ଛକ, ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବା ସହ ଯାଞ୍ଚ ପ୍ରକ୍ରିୟା ଜୋର୍‌ଦାର କରାଯାଇଛି। ଉପରାଷ୍ଟ୍ରପତି ଶୁକ୍ରବାର କଟକ ଶାରଳା ଭବନରେ ଆୟୋଜିତ ହେବାକୁ ଥିବା ଆଦିକବି ଶାରଳା ଦାସଙ୍କ ୬୦୦ତମ ଜନ୍ମବାର୍ଷିକୀ ଏବଂ ଏବଂ ଶାରଳା ସାହିତ୍ୟ ସମ୍ବାଦର ୪୦ତମ ବାର୍ଷିକୋତ୍ସବ କାର୍ଯ୍ୟକ୍ରମରେ ଯୋଗ ଦେବେ। ସେହିପରି ଶନିବାର ଉତ୍କଳ ବିଶ୍ୱବିଦ୍ୟାଳୟର ୫୦ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

## ଶ୍ରମ କୋଡ୍, ଶ୍ରମ ଆଇନ ପ୍ରତିବାଦରେ ବିକ୍ଷୋଭ

**କଟକ ଅଫିସ,୧।୪:** ଏଆଇୟୁଟିୟୁସି ଶ୍ରମିକ ସଂଗଠନ କଟକ ଜିଲା ପକ୍ଷରୁ ସ୍ଥାନୀୟ କଟକ କଲେଜ ଛକରେ ଗୁରୁବାର ଶ୍ରମ କୋଡ ଓ ଶ୍ରମ ଆଇନ ପ୍ରତିବାଦରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦେଶର କୃଷକ, ଯୁବକ, ଶ୍ରମିକ ତଥା ଜନସାଧାରଣଙ୍କର ସ୍ୱାର୍ଥକୁ କୁଠାରଘାତ କରି କେନ୍ଦ୍ର ସରକାର ଗୋଟିଏ ପରେ ଗୋଟିଏ ଜନମାରଣ ନୀତି ଆପଣେଇ ଚାଲିଛନ୍ତି। ଶ୍ରମିକଙ୍କୁ ସମ୍ପୂର୍ଣ୍ଣ ନିରସ୍ତ୍ର କରିବାପାଇଁ ଶେଷରେ ଚରମ ଜନସ୍ୱାର୍ଥ ବିରୋଧୀ ଶ୍ରମକୋଡକୁ ଲାଗୁ କରିବା, ଘରୋଇକରଣ ଓ ବ୍ୟବସାୟୀକରଣର ଧାରାକୁ ତ୍ୱରାନ୍ୱିତ କରାଯାଉଛି ବୋଲି ଶ୍ରମିକ ନେତା ରାଜକିଶୋର ମଲ୍ଲିକ କହିଛନ୍ତି ।

## କମିଶନରେଟ ପୋଲିସ ସେବାର ମାନ ବୃଦ୍ଧି ହେବ

**ଭୁବନେଶ୍ୱର,୧।୪(ବ୍ୟୁରୋ)**

ରିଜର୍ଭ ପୋଲିସ ଲାଇନରେ ଗୁରୁବାର ଭୁବନେଶ୍ୱର କମିଶନରେଟ୍ ପୋଲିସ ପକ୍ଷରୁ ୮୬ତମ ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରେଡ଼ରେ ଅଭିଭାଦନ ଦେଇଥିଲେ। ଭୁବନେଶ୍ୱର-କଟକ କମିଶନରେଟ ପୋଲିସ ସେବାର ମାନ ବୃଦ୍ଧି କରାଯିବ ବୋଲି କମିଶନର କହିବା ସହିତ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପଢ଼ିଥିଲେ। ଅତିରିକ୍ତ ପୋଲିସ କମିଶନର ରେଖା ଲୋହାନି ଓ ଭୁବନେଶ୍ୱର ଡିସିପି ଡ. ଉମାଶଙ୍କର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୧୯ଜଣ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଉନ୍ନତ ସେବା ପାଇଁ ପୁରସ୍କୃତ କରାଯାଇଥିଲା। ୪ଜଣ ପୋଲିସ କର୍ମଚାରୀ କୃଷ୍ଣଚନ୍ଦ୍ର ସାହୁ, ହାବିଲଦାର ବିଜୟ କୁମାର ବଳ, ଉମ ବରାହ ଓ ଶଶିଭୂଷଣ ସାହୁ ପ୍ଲାଜ୍‌ମା ଦାନ କରିଥିଲେ।

# ଗରା, ବାଲ୍‌ଟି ରଖି ମହିଳାଙ୍କ ଧାରଣା

- ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ
- ପାଇପ୍ ପାଣି ମିଳୁ ନ ଥିବା ଅଭିଯୋଗ

**ବାଙ୍କୀ,୧।୪(ବି.ପ୍ର. )**



ବାଙ୍କୀ-ଡମପଡା ବ୍ଲକ ଅଧୀନ ବିଭିନ୍ନ ଗ୍ରାମରେ ଖରା ବଢ଼ିବା ସଙ୍ଗେସଙ୍ଗେ ପାନୀୟଜଳ ସଙ୍କଟ ବଢିବାରେ ଲାଗିଛି । ବାଙ୍କୀ ସହର ସୀମାକୁ ଲାଗିଥିବା ଗୋପାଳପୁର ପଞ୍ଚାୟତରେ ପାଇପ ଜଳ ଯୋଗାଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଫଳରେ ପାନୀୟ ଜଳ ପାଇଁ ଏଠାକାର ଲୋକେ ହହଳବିକଳ ହେଉଛନ୍ତି। ଏନେଇ ବିଭିନ୍ନ ଛକ, ପାଣି ଷ୍ଟାଣ୍ଡପୋଷ୍ଟରେ ଗୁରୁବାର ମହିଳାମାନେ ଗରା ବାଲ୍‌ଟି ରଖି ଧାରଣା ଦେଇଥିଲେ। ଅନୁରୂପ ଭାବେ ଗୋପାଳପୁର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବହୁ ମହିଳା ଓ ପୁରୁଷ ଧାରଣା ଦେଇଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ପାଇପ୍ ଯୋଗେ ପାନୀୟ ଜଳ ମିଳିବାରେ ଅସୁବିଧା ହେଉଥିବାରୁ ଦୈନିକ ସକାଳ ଓ ସଞ୍ଜରେ ପାଣି ଷ୍ଟାଣ୍ଡପୋଷ୍ଟ ନିକଟକୁ ମହିଳାମାନେ ଆସି ପାଣି ନେବାକୁ ବାଧ ହେଉଛନ୍ତି। ବିଶେଷ କରି ଗୋପାଳପୁର ପଞ୍ଚାୟତର କରଣ ସାହି,ଖମାର ସାହି,ମଲ୍ଲିକ ସାହି ଓ ଅନୁସୂଚିତ ସାହିରେ ଏହି ପାନୀୟଜଳ ସମସ୍ୟା ଦେଖାଦେଇଛି। ଏନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ସୁଫଳତା ମିଳୁନାହିଁ ବୋଲି ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି।

ତୁରନ୍ତ ପାନୀୟ ଜଳ ସମସ୍ୟାର ସମାଧାନ ନ ହେଲେ ଆଗାମୀ ଦିନରେ ବାଙ୍କୀ-ଖୋର୍ଦ୍ଧା ମୁଖ୍ୟ ରାସ୍ତା ଉପରେ ଧାରଣା ଦିଆଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି । ସରକାରୀ କାର୍ଯ୍ୟାଳୟ ଛୁଟିଥିବାରୁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ ହୋଇପାରିନାହିଁ। ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପହଞ୍ଚି ଜଳ ଯୋଗାଣ କରିବାକୁ ପ୍ରତିଶ୍ରୁତି ଦେବାପରେ ସ୍ଥାନୀୟ ଲୋକେ ଧାରଣାରୁ ହଟିଛନ୍ତି।

**୩ ବିଦ୍ୟାର୍ଥୀ ପଜିଟିଭ୍**

ଯାଁଳା, (ଡି.ଏନ୍.ଏ.): ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଗୁରୁବାର ଯାଁଳା ଫାଣ୍ଡି ଅନ୍ତର୍ଗତ ମଦନପୁର ଅଞ୍ଚଳରେ ଥିବା ଏକ ଘରୋଇ ଇଞ୍ଜିନିୟରିଂ କଲେଜର ୩ଜଣ ବିଦ୍ୟାର୍ଥୀ କରୋନା ପଜିଟିଭ୍ ହୋଇଥିବା ଜଣାପଡିଛି। କରୋନାରେ ଆକ୍ରାନ୍ତ ହୋଇଥିବା ଜଣାପଡିବା ପରେ ସେମାନଙ୍କୁ କ୍ୱାରାଣ୍ଟାଇନରେ ରଖାଯାଇଛି। କରୋନା ସଂକ୍ରମଣ ବଢୁଥିବାରୁ ଜିଲା ପ୍ରଶାସନ ଭୁବନେଶ୍ୱର ଉପକଣ୍ଠରେ ଥିବା ଘରୋଇ ଇଞ୍ଜିନିୟରିଂ କଲେଜଗୁଡ଼ିକ ଉପରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ସଂକ୍ଷେପରେ

### ମଦ, ଭାଙ୍ଗ ଜବତ: ୩ ଗିରଫ

**ନିମାପଡ଼ା,୧୪(ଡି.ଏନ୍.ଏ.):** ନିମାପଡ଼ା ଅବକାରୀ ବିଭାଗ ଗୁରୁବାର ଅସ୍ତରଙ୍ଗ ଥାନା ଅଧୀନ ଅସ୍ତରଙ୍ଗ, ଝାଡ଼ଲିଙ୍ଗ, ନୂଆଗଡ଼, ନଗର, ସରିପୁର, ସହନକଣମଣ, ପାଟଲଦା ଅଞ୍ଚଳରେ ଚଢ଼ାଉ କରି ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ସରିପୁର ଗ୍ରାମର ପବିତ୍ର ପଲେଇ, ସହନ ଗ୍ରାମର କାଳନ୍ଦୀ ମହାନ୍ତି ଓ ଧୁଳେଶ୍ୱର ମହାନ୍ତି। ସେମାନଙ୍କଠାରୁ ୭୦ବୋତଲ ଦେଶୀ ମଦ ଓ ୩ କେଜି ଭାଙ୍ଗ ଜବତ କରାଯାଇଛି। ଯାହାର ମୂଲ୍ୟ ୧୦ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ଅଧିକାରୀମାନେ କହିଛନ୍ତି। ଏ ନେଇ ଅବକାରୀ ବିଭାଗ ପକ୍ଷରୁ ୧,୨, ୩/୨୧ରେ ୩ଟି ମାମଲା ରୁଜୁ କରାଯାଇଛି। ଅବକାରୀ ଏସ୍‌ପି ଅମରେନ୍ଦ୍ର ଜେନା ଓ ଜିଲାପାଳ ସମର୍ଥ ବର୍ମାଙ୍କ ନିର୍ଦ୍ଦେଶକ୍ରମେ ନିମାପଡ଼ା ଏସ୍‌ଆଇ ଯୋଗମାୟା ମଲ୍ଲିକ, ପିପିଲି ଅବକାରୀ ଏସ୍‌ଆଇ ରଙ୍କନିଧି ମଲ୍ଲିକ, ଜିତେନ୍ଦ୍ର ବେହେରା, ସବିତା ସାହୁ, ଅଭିଜିତ ପ୍ରଧାନ, ସନ୍ଦିପ ପାଢ଼ୀ ଏହି ଚଢ଼ାଉବେଳେ ଥିଲେ।

### ନିଷ୍ଠା, ଏକାଗ୍ରତା ସଫଳତା ଦେଇଥାଏ

**ଖୋର୍ଦ୍ଧା ଅଫିସ,୧୪:** ଖୋର୍ଦ୍ଧା ବିଡିଏ କଲୋନୀସ୍ଥିତ ସିଗମା ପବ୍ଲିକ ସ୍କୁଲରେ ଓଡ଼ିଶା ଦିବସ ଗୁରୁବାର ପାଳିତ ହୋଇଯାଇଛି। ଅଧକ୍ଷା ମମତାଞ୍ଜଳି ପଟ୍ଟନାୟକଙ୍କ ଅଧକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ଜିଲା ବାର୍ ଆସୋସିଏଶନ ସଭାପତି ଅଜିତ୍ ପଟ୍ଟନାୟକ, ଅତିଥିଭାବେ ପୌରପରିଷଦ ନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଶତପଥୀ, ସ୍କୁଲ ସମ୍ପାଦକ ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ ଯୋଗ ଦେଇଥିଲେ। ସ୍ୱପ୍ନ ଦେଖ, ସାକାର ହେବା ପର୍ଯ୍ୟନ୍ତ ପରିଶ୍ରମ କର। ନିଷ୍ଠା ଓ ଏକାଗ୍ରତା ସଫଳତା ଦେଇଥାଏ ବୋଲି ମତ ପ୍ରକାଶ ପାଇଥିଲା। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଓଡ଼ିଶାର ବିଭିନ୍ନ ପର୍ଯ୍ୟଟନ ସ୍ଥାନକୁ ଏକ ଆର୍ଟ ଗ୍ୟାଲେରିରେ ଛାତ୍ରଛାତ୍ରୀଙ୍କ ଚିତ୍ରାଙ୍କନ ପ୍ରଦର୍ଶିତ ହୋଇଥିଲା। ଦିବ୍ୟ ଚିରନ୍ତନୀ ପଣ୍ଡା, ଆଦ୍ୟାସା ଦୀକ୍ଷିତ, ସାଇଦିପ ଶତପଥୀ, ଶୁଭଶ୍ରୀ ବେହେରା, ପ୍ରଦ୍ୟୁମ୍ନ ରାୟ, ସାଇ ଶାଶ୍ୱତୀ ବେହେରା, ଆଶୀର୍ବାଦ ପ୍ରିୟଦର୍ଶୀ ଷଣ୍ଢ ପ୍ରମୁଖ ପୁରସ୍କୃତ ହୋଇଥିଲେ। ଶିକ୍ଷକ ବିଦୁର ବିଶ୍ୱାଳ, ସୁମିତା ତ୍ରିପାଠୀ, ତୁଷାର ରଞ୍ଜନ ମହାନ୍ତି ପରିଚାଳନା କରିଥିଲେ।

### ଗରିବ ଛାତ୍ରୀଛାତ୍ରଙ୍କ ପାଇଁ ପାଠାଗାର

**ଡେଲାଙ୍ଗ,୧୪(ଡି.ଏନ୍.ଏ.):** ଡେଲାଙ୍ଗ ହାଟ ବଜାରରେ ଗରିବ ମେଧାବୀ ଛାତ୍ରୀଛାତ୍ରଙ୍କ ନିମନ୍ତେ ଏକ ପାଠାଗାର ଉଦ୍‌ଘାଟିତ ହୋଇଯାଇଛି। ଏହି ପାଠାଗାରକୁ କାନାରା ବ୍ୟାଙ୍କ ମ୍ୟାନେଜର ଜଗଦାନନ୍ଦ ବେହେରା ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ପାଠାଗାରଟି ସାମାଜିକ ଅନୁଷ୍ଠାନ ନ୍ୟୁ ଲାଇଫ ଏଜୁକେଶନ ସହାୟତାରେ ପ୍ରତିଷ୍ଠା କରାଯାଇଛି। ସ୍ଥାନୀୟ ଗରିବ ଛାତ୍ରୀଛାତ୍ର ବିନା ମୂଲ୍ୟରେ ଏହି ପାଠାଗାରରେ ବିଭିନ୍ନ ପ୍ରକାରର ପୁସ୍ତକ ଅଧ୍ୟୟନ କରିପାରିବେ। ସ୍ଥାନୀୟ ଅଞ୍ଚଳରେ ଏହି ପାଠାଗାରଟି ନୂତନ ଭାବେ ଗଢି ଉଠିଥିବାରୁ ଶିକ୍ଷାବିତ୍ ଓ ବୁଦ୍ଧିଜୀବୀମାନେ ଅନୁଷ୍ଠାନ କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଇଛନ୍ତି। କାର୍ଯ୍ୟକ୍ରମରେ ଶିକ୍ଷକ ଯାମିନୀକାନ୍ତ ନାୟକ, ଶିକ୍ଷାବିତ୍ ଅନନ୍ତଚରଣ ସାହୁ, ସୁରେନ୍ଦ୍ର ପାଢ଼ୀ, ଅନିଲ ପାଢ଼ୀ, ଦେବାଶିଷ ସାହୁ, ସୁଶାନ୍ତ ଦାସ, ସାମାଜିକ କର୍ମୀ ବିଶ୍ୱଜିତ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

### ନିଃଶୁଳ୍କ ହୋମିଓପାଥି ଚିକିତ୍ସା କେନ୍ଦ୍ରର ଶୁଭାରମ୍ଭ

**ଜଟଣୀ,୧୪(ଡି.ଏନ୍.ଏ.):** ଜଟଣୀ ରାମଚନ୍ଦ୍ରପୁର ସାଇବିହାର ନିକଟ ବନମାଳୀ ଶତପଥୀ ପାଠାଗାର ପକ୍ଷରୁ ନିଃଶୁଳ୍କ ହୋମିଓପାଥି ଚିକିତ୍ସା କେନ୍ଦ୍ରର ଗୁରୁବାର ଶୁଭାରମ୍ଭ ହୋଇଛି। ପାଠାଗାର ସଭାପତି ସୁରେନ୍ଦ୍ର ନାୟକଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜଟଣୀ ବରିଷ୍ଠ ନାଗରିକ ସଂଘ ସଭାପତି ଭକ୍ତବନ୍ଧୁ ଚୌଧୁରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଚିକିତ୍ସା କେନ୍ଦ୍ରର ଶୁଭାରମ୍ଭ କରିଥିଲେ। ସଂଘ ସମ୍ପାଦକ ଅରୁଣ ମହାନ୍ତି ସମ୍ମାନିତ ଅତିଥିଭାବେ ଯୋଗଦେଇ ଡା. ସଙ୍ଗୀତା ମହାନ୍ତିଙ୍କୁ ସ୍ୱାଗତ କରିଥିଲେ। ଡା. ମହାନ୍ତି ପ୍ରତି ଗୁରୁବାର ସନ୍ଧ୍ୟା ୫ଟାରୁ ୭ଟା ପର୍ଯ୍ୟନ୍ତ ନିଃଶୁଳ୍କ ସେବା ପ୍ରଦାନ କରିବେ। ବିଭିନ୍ନ ମହଲରୁ ଡା.ମହାନ୍ତିଙ୍କୁ ପ୍ରଶଂସା କରାଯାଇଛି। କାର୍ଯ୍ୟକ୍ରମରେ ସୀତାକାନ୍ତ ଶତପଥୀ, ନଉସର ଅଲ୍ଲୀ, ଦୁଲାଲରଞ୍ଜନ ସର୍ବଜ୍ଞ, ଅଶୋକ ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ।

# ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଆହ୍ୱାନ

**ପୁରୀ ଅଫିସ/ଖୋର୍ଦ୍ଧା ଅଫିସ, ୧୪**



ପୁରୀ ଜିଲାସ୍ତରୀୟ ଓଡ଼ିଶା ଦିବସ ସମାରୋହରେ ଉପସ୍ଥିତ ଅତିଥିମାନେ।

ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଗୁରୁବାର ପୁରୀ ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ସମୃଦ୍ଧ ଓଡ଼ିଶା ଗଠନ ଦିଗରେ କାର୍ଯ୍ୟ କରିବା ପାଇଁ ଜିଲାବାସୀଙ୍କୁ ଆହ୍ୱାନ ଦେଇଛନ୍ତି। ନୂତନ ପୀଢ଼ିକୁ ଉନ୍ନତ କରିବାର ଦାୟିତ୍ୱ ସେମାନଙ୍କ ଅଭିଭାବକଙ୍କ ଉପରେ ନ୍ୟସ୍ତ। ଏଣୁ ଏକ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଯୁବଗୋଷ୍ଠୀଙ୍କୁ ପ୍ରସ୍ତୁତ କରିବାର ଦାୟିତ୍ୱ ଅଭିଭାବକମାନେ ନିଅନ୍ତୁ ବୋଲି ସେ କହିଛନ୍ତି। ଭାଷାଭିତ୍ତିକ ରାଜ୍ୟ ଗଠନ ଓ ସ୍ୱାଧୀନତା ଆନ୍ଦୋଳନରେ ପୁରୀର ଅବଦାନ ସର୍ବଦା ଉଲ୍ଲେଖନୀୟ ହୋଇରହିବ ବୋଲି ମନ୍ତ୍ରୀ କହିଛନ୍ତି। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କ୍ଷେତ୍ରରେ ମହାପୁରୁଷମାନଙ୍କ ଅବଦାନ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲାପାଳ ସମର୍ଥ ବର୍ମା, ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ନାଥଶର୍ମା, ବିନୟ କୁମାର ଦାଶ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ନୀତିରଞ୍ଜନ ସେନ୍ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାତଃ ସମୟରେ ଜିଲାପାଳ ସମର୍ଥ ବର୍ମା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିବାବେଳେ ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ନାଥଶର୍ମା ଓ ଉପଜିଲାପାଳ ଭବତାରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ଉତ୍କର୍ଷର କ୍ଷେତ୍ର ଉତ୍କଳ। କଳା, ସାହିତ୍ୟ, ସଂସ୍କୃତି ସ୍ଥାପତ୍ୟ ଦିଗରେ ବିଶ୍ୱରେ ଉତ୍କୃଷ୍ଟତା ଲାଭ କରିଛି। ଖୋର୍ଦ୍ଧା ମାଟିର ବୀରତ୍ୱର ମାଟି। ଏଠାରୁ ଆରମ୍ଭ ହୋଇଥିବା ପାଇକ ବିଦ୍ରୋହ ମୁକ୍ତି ସଂଗ୍ରାମର ପ୍ରଥମ ସ୍ୱାଧୀନତାର ମାନ୍ୟତା ଲାଭ କରିଛି। ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଲାଭ ପରେ ଏହାର ଗୌରବ ବୃଦ୍ଧି ପାଇଛି। ସ୍ୱତନ୍ତ୍ର ପ୍ରଦେଶ ଗଠନରେ ଯେଉଁମାନଙ୍କ ତ୍ୟାଗ, ନିଷ୍ଠା, ଏକାଗ୍ରତା ରହିଛି ସେମାନଙ୍କୁ ସ୍ମରଣ କରିବାର ଦିବସ ବୋଲି ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର କହିଛନ୍ତି। ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଗୁରୁବାର ଜିଲା ସଂସ୍କୃତି ଭବନରେ ଆୟୋଜିତ ଜିଲା ସ୍ତରୀୟ ଓଡ଼ିଶା ଦିବସ ସମାରୋହରେ ସମ୍ମାନିତ ଅତିଥିଭାବେ ଯୋଗଦେଇ ବିଧାୟକ ମିତ୍ର ଏହା କହିଛନ୍ତି।

ଜିଲାପାଳ ସନତ୍ ମହାନ୍ତିଙ୍କ ଅଧକ୍ଷତାରେ ଆୟୋଜିତ ଏହି ସମାରୋହରେ ଜିଲା ପରିଷଦ ଅଧକ୍ଷ ପ୍ରଫୁଲ୍ଲ ଦଲେଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ଓଡ଼ିଶାର କଳା, ସଂସ୍କୃତି, ନୌବାଣିଜ୍ୟ ଉପରେ ଆଲୋକପାତ କରିଥିଲେ। ଜିଲାପାଳ ମହାନ୍ତି ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ କହିଥିଲେ, ଲକ୍ଷ୍ୟସ୍ଥଳରେ ପହଞ୍ଚିବା ଲାଗି ନିରନ୍ତର ସାଧନା କର। ଅତିରିକ୍ତ ଜିଲାପାଳ ମନୋଜ ପାଢ଼ୀ, ଉପଜିଲାପାଳ ଅଶୋକ ବେହୁରିଆ ସମ୍ମାନିତ ଅତିଥିଭାବେ ଯୋଗଦେଇ ଓଡ଼ିଶା ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମାନସ ରଞ୍ଜନ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଭୋର ୪ଟା ୩୦ରେ ଡାକବାଜି ଯନ୍ତ୍ରରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପ୍ରଚାର ହୋଇଥିଲା। ସାଢେ ୭ଟାରେ ଜିଲା ପ୍ରଶାସନ ପକ୍ଷରୁ ସହର ସ୍ଥିତ ମହାପୁରୁଷ ଏବଂ ଗଡଖୋର୍ଦ୍ଧା ପଞ୍ଚ ପାଇକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା।



ଖୋର୍ଦ୍ଧା ଜିଲାସ୍ତରୀୟ ଓଡ଼ିଶା ଦିବସ ସମାରୋହରେ ଉପସ୍ଥିତ ଅତିଥିବୃନ୍ଦ।

# ସିଫାର ୩୪ତମ ବାର୍ଷିକୋତ୍ସବ

**ପିପିଲି/ବାଳକାଟୀ, ୧୪ (ସ୍ୱ.ପ୍ର./ଡି.ଏନ୍.ଏ.)**

କୌଶଲ୍ୟାଗଙ୍ଗାସ୍ଥିତ କେନ୍ଦ୍ରୀୟ ମଧୁର ଜଳ ଜୀବ ପାଳନ ଅନୁସନ୍ଧାନ ସଂସ୍ଥା(ସିଫା)ର ୩୪ତମ ବାର୍ଷିକ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅରୁଣାଚଳ ପ୍ରଦେଶ ମତ୍ସ୍ୟ, କୃଷି ଓ ପଶୁ ପାଳନ ମନ୍ତ୍ରୀ ତାଗେ ତାକି ଯୋଗଦେଇଥିଲେ। ଭାରତୀୟ ଡାକ ବିଭାଗର ସଚିବ ପି. କେ. ବିଶୋଇ ଅତିଥିଭାବେ ଯୋଗଦେଇ ୧୨ଟି ସ୍ୱତନ୍ତ୍ର ପୋଷ୍ଟ କାର୍ଡର ଉନ୍ମୋଚନ କରିଥିଲେ। ସିଫା ନିର୍ଦ୍ଦେଶକ ଡ. ସରୋଜ ସ୍ୱାଇଁ ଖୋର୍ଦ୍ଧା କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ୧୫୦୦ ମହିଳା କୃଷିଜୀବୀ ଓ କୃଷକ ଉପକୃତ ହୋଇଥିବା କହିଥିଲେ। ମୁଖ୍ୟ ଅତିଥି ତାଗେ ତାକି ଆଇସିଏଆର୍-ସିଫାର କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। ଏହାସହ ଅରୁଣାଚଳ ପ୍ରଦେଶର ସୋନାକୁଲିରେ ସିଫା ଏକ ଜଳକୃଷି ପ୍ରଯୁକ୍ତି ପାର୍କ ପ୍ରତିଷ୍ଠା କରିଥିବାରୁ ସେ ସିଫା ନିର୍ଦ୍ଦେଶକ ଓ ବୈଜ୍ଞାନିକମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ଅନ୍ତର୍ଦ୍ଦେଶୀୟ ଜଳ କୃଷି ସହ ମହାନିର୍ଦ୍ଦେଶକ ଡ. ବିମଳ ପ୍ରସନ୍ନ ମହାନ୍ତି, ମହାନିର୍ଦ୍ଦେଶକ ଡ. ପି. ପ୍ରବୀଣ, ସିଫାର ପୂର୍ବତନ ନିର୍ଦ୍ଦେଶକ ଡ. ଏନ୍ ଷଡ଼ଙ୍ଗୀ, ପପୁମ ପେୟାର ଇକୋ ଅଗ୍ରୋର ନିର୍ଦ୍ଦେଶିକା ତାନା ୟାମି, ଓଡ଼ିଶା ମହା ଡାକପାଳ କୋନେଲ ଜଳେଶ୍ୱର କହଁର ଓ ପ୍ରଶାସନିକ ଅଧିକାରୀ ଇନ୍ଦ୍ରଭୂଷଣ କୁମାର ଅନ୍ୟ ଅତିଥି ଭାବେ ଯୋଗଦେଇ ନିଜ ବକ୍ତବ୍ୟ ରଖିଥିଲେ। ପରେ ସିଫା ବାର୍ଷିକ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ 'ମତ୍ସ୍ୟ ଅନୁବଂଶ ଓ ଜୈବ ପ୍ରକ୍ରିୟା' ଉପବିଭାଗକୁ ଶ୍ରେଷ୍ଠ ବିଭାଗ ପୁରସ୍କାର ପ୍ରଦାନ କରାଯାଇଥିଲା। ସିଫା ପକ୍ଷରୁ ପ୍ରସ୍ତୁତ 'ଲାବୋରେଟୋରୀ ମାନୁଆଲ ଅନ୍ ସଏଲ ଆଣ୍ଡ ୱାଟର କ୍ୱାଲିଟି ଆନାଲିସିସ୍ ଫର୍ ଫ୍ରେସ୍‌ୱାଟର ଆକ୍ୱାକଲ୍ଚର' ପୁସ୍ତକ ଉନ୍ମୋଚନ ହୋଇଥିଲା। ୯ ଅବସରପ୍ରାପ୍ତ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡ. ଜେ. କେ. ସୁନ୍ଦରାୟ ଧନ୍ୟବାଦ ଦେଇଥିଲେ।

# ଭାଷାର ବିକାଶ, ଭବିଷ୍ୟତ ନେଇ ଆଲୋଚନା



ସମ୍ମିଳନୀରେ ଉପସ୍ଥିତ ଅତିଥିମାନେ।

**ପୁରୀ ଅଫିସ,୧୪**

ସ୍ଥାନୀୟ ପାନ୍ଥନିବାସ ସମ୍ମିଳନୀ କକ୍ଷରେ ଚାଲିଥିବା ଦୁଇଦିନିଆ ୭ମ ଭାଷା ସମ୍ମିଳନୀ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ ଓଡ଼ିଆ ଭାଷାର ସର୍ବାଙ୍ଗୀନ ବିକାଶ ପାଇଁ ରାଜ୍ୟ ସରକାର ଉଦ୍ୟମ କରୁଛନ୍ତି ବୋଲି କହିଛନ୍ତି। ସମ୍ମାନିତ ଅତିଥି ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ହରିହର ହୋତା ଯୋଗଦେଇ ଆଧୁନିକ ପଦ୍ଧତିରେ ଭାଷାର ବିକାଶ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଭାଷା ସଂସ୍ଥା ପ୍ରଚେଷ୍ଟାରେ ଓଡ଼ିଆ ଭାଷାର ସମନ୍ୱୟ ହେଉ ବୋଲି ଉପାଧକ୍ଷ ଡ. ସିପ୍ରା ମଲ୍ଲିକ୍ ପ୍ରସ୍ତାବ ରଖିଛନ୍ତି। ଏହି ସମ୍ମିଳନୀରେ ବିଭିନ୍ନ ରାଜ୍ୟରୁ ଭାଷାବିତ୍ ଓ ଭାଷାପ୍ରେମୀମାନେ ଯୋଗଦେଇ ଭାଷାର ବିକାଶ ଓ ଭବିଷ୍ୟତ ଉପରେ ଆଲୋଚନା କରିଛନ୍ତି। ଶ୍ୟାମପ୍ରକାଶ ସେନାପତି, ଜ୍ଞାନରଞ୍ଜନ ପଣ୍ଡା, ମମତା ଦାଶ, ସୂର୍ଯ୍ୟମଣି ରଥ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ନୃସିଂହାୟନ ଓ ଗାଙ୍ଗାନ୍ନାଦଶ ନାମକ ଦୁଇଟି ପୁସ୍ତକ ଅତିଥିମାନଙ୍କୁ ପ୍ରଦାନ କରାଯାଇଥିଲା।

# ଭାଷାଭିତ୍ତିକ ପ୍ରଦେଶ ଗଠନରେ ଓଡ଼ିଶା ପ୍ରଥମ

**ଖୋର୍ଦ୍ଧା ଅଫିସ,୧୪**

ଭାଷାଭିତ୍ତିକ ପ୍ରଦେଶ ଗଠନରେ ଓଡ଼ିଶା ହେଉଛି ପ୍ରଥମ ରାଜ୍ୟ। ସ୍ୱତନ୍ତ୍ର ପ୍ରଦେଶ ଗଠନ ଲାଗି ଓଡ଼ିଶାର ବହୁ ମହାନ୍ ବ୍ୟକ୍ତିତ୍ୱ ଜୀବନ ଉତ୍ସର୍ଗ କରିଛନ୍ତି। ଯେଉଁମାନଙ୍କ ନିଷ୍ଠାପର ଉଦ୍ୟମ, ଅକ୍ଳାନ୍ତ ପରିଶ୍ରମ, ଏକାନିଷ୍ଠ ସାଧନା ପ୍ରତିଦାନ ସ୍ୱରୂପ ଓଡ଼ିଶା ଆଜି ହସୁଛି। ସେମାନଙ୍କୁ ଉପଯୁକ୍ତ ମର୍ଯ୍ୟାଦା ଦିଆଯାଇନାହିଁ। ଇଚ୍ଛାଶକ୍ତିର ଅଭାବ ଯୋଗୁ ପ୍ରଦେଶ ଗଠନରେ କର୍ଣ୍ଣଧାର ସାଜିଥିବା ବହୁ ବ୍ୟକ୍ତିତ୍ୱଙ୍କୁ ଲୋକେ ଭୁଲିଗଲେଣି। ଏ ଜାତି ସେମାନଙ୍କ ନିକଟରେ ଋଣୀ। ଉତ୍କଳ ପ୍ରଦେଶ ଗଠନର କର୍ଣ୍ଣଧାର ମଧୁସୂଦନ ଦାସ ହେଉଛନ୍ତି ଉତ୍କଳର ଗୌରବ ଏବଂ ଗୋପବନ୍ଧୁ ହେଉଛନ୍ତି ସାଧାରଣ ଜନତାଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଉଥିବା ଜଣେ ଅନନ୍ୟ ବ୍ୟକ୍ତିତ୍ୱ। ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଓଡ଼ିଆ ଭାଷା ଅସ୍ତିତ୍ୱ ହରାଇବାକୁ ବସିଲାଣି ବୋଲି ପ୍ରଫେସର ନାରାୟଣ ରାଓ କହିଛନ୍ତି। ଓଡ଼ିଶା ଦିବସ ଅବସରରେ ଗୁରୁବାର ଉତ୍କଳ ସାମ୍ବାଦିକ ସଂଘ, ଖୋର୍ଦ୍ଧା ଜିଲା ଏବଂ ପୁଣ୍ୟଶ୍ଲୋକ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ଗୀତାଭବନରେ ଆୟୋଜିତ ଜିଲାସ୍ତରୀୟ ଆଲୋଚନାଚକ୍ରରେ ପ୍ରଫେସର ରାଓ ମୁଖ୍ୟବକ୍ତା ଭାବେ ଯୋଗଦେଇ ଏହା କହିଛନ୍ତି। ସଂଘ ସଭାପତି ପ୍ରଭାତ ମିଶ୍ର ଏଥିରେ ଅଧକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ଗୋପାଳକୃଷ୍ଣ ଦାସ, ବିଚିତ୍ରାନନ୍ଦ ବଡଜେନା, ଶୁଭ୍ରରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ମାଛ ମାର୍କେଟ, ସୁଲଭ ଶୌଚାଳୟ ଲୋକାର୍ପିତ

**ଖୋର୍ଦ୍ଧା ଅଫିସ,୧୪**

ଖୋର୍ଦ୍ଧା ପୌର ପରିଷଦ ପକ୍ଷରୁ ସୁଲଭ ଶୌଚାଳୟ ଓ ମାଛ ମାର୍କେଟ ଲୋକାର୍ପିତ ହୋଇଯାଇଛି। ଜିଲା ସଦର ମୁଖ୍ୟ ଚିକିତ୍ସାଳୟ ପରିସରରେ ୧୫ଲକ୍ଷ ଟଙ୍କା ବିନିମୟରେ ସୁଲଭ ଶୌଚାଳୟ ଏବଂ ୧୦ଲକ୍ଷ ବ୍ୟୟ ଅଟକଳରେ ମାଛ ମାର୍କେଟ କମ୍ପ୍ଲେକ୍ସକୁ ଗୁରୁବାର ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ଉଦ୍‌ଘାଟନ କରିଥିଲେ। ଜିଲାପାଳ ସନତ ମହାନ୍ତି, ଉପଜିଲାପାଳ ଅଶୋକ ବେହୁରିଆ, ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ, ପୌରପରିଷଦ ନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଶତପଥୀ ଉପସ୍ଥିତ ଥିଲେ। ଖୋର୍ଦ୍ଧା ଜିଲା ସଦର ମୁଖ୍ୟ ଚିକିତ୍ସାଳୟ ପରିସରରେ ଶୌଚାଳୟ ନ ଥିବାରୁ ରୋଗୀ ଏବଂ ସମ୍ପର୍କୀୟମାନେ ହଇରାଣ ହେଉଥିଲେ। ପୌରପରିଷଦ ପକ୍ଷରୁ ସୁଲଭ ଶୌଚାଳୟ ନିର୍ମାଣ କରାଯାଇଛି। ରକ୍ଷଣାବେକ୍ଷଣ ଦାୟିତ୍ୱରେ ଏକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ହାତରେ ନ୍ୟସ୍ତ କରାଯାଇଛି ବୋଲି ଜିଲାପାଳ କହିଛନ୍ତି। ସେହିପରି ଖୋର୍ଦ୍ଧାର ପୁରାତନ ମାଛ ମାର୍କେଟର ପୁନରୁଦ୍ଧାର କରାଯାଇଛି। ୧୨ବର୍ଷ ଧରି ମାର୍କେଟ ନିର୍ମାଣ ସତ୍ତ୍ୱେ ବନ୍ଦ ରହିଥିଲା। ମାର୍କେଟ କମ୍ପ୍ଲେକ୍ସରେ ସମସ୍ତ ବ୍ୟବସ୍ଥା କରାଯାଇଛି। ଏଥିରେ ୫୮ବ୍ୟବସାୟୀଙ୍କୁ ଦୋକାନ ଘର ଏବଂ ପିଣ୍ଡି ଜିଲାପାଳ ପ୍ରଦାନ କରିଥିଲେ। ବିଭୁ ସାହୁ, ଅନିଲ ରାମ, ରୁପେଶ ବେହେରା, ଦୀପକ ହୋତା ଉପସ୍ଥିତ ଥିଲେ।

# କନକଦୁର୍ଗାଙ୍କୁ ହରାଇ ନାରାୟଣୀ ଟିମ୍ ଚାମ୍ପିୟନ

**କୃଷ୍ଣପ୍ରସାଦ,୧୪(ଡି.ଏନ୍.ଏ.)**



ଅତିଥିଙ୍କଠାରୁ ଜଣେ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

କୃଷ୍ଣପ୍ରସାଦ ବ୍ଲକ ଅଧୀନ ମାଲୁଦ ପଞ୍ଚାୟତସ୍ଥିତ ମା'କନକଦୁର୍ଗା କ୍ରିକେଟ୍ କ୍ଲବ ପାଇକସାହି ଆନୁକୂଲ୍ୟରେ ଚିଲିକା ଷ୍ଟାଡିୟମରେ ଚାଲିଥିବା ବ୍ଲକସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ମାଲୁଦର କନକଦୁର୍ଗା ଟିମ୍‌କୁ ହରାଇ ବଳରାମପୁରର ନାରାୟଣୀ ଟିମ୍ ଚାମ୍ପିୟନ ହୋଇଛି। କନକଦୁର୍ଗା ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୮୬ରନ୍ ସଂଗ୍ରହ କରିଥିଲା। ଜବାବରେ ନାରାୟଣୀ ଟିମ୍ ଆବଶ୍ୟକ ରନ୍ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ରାଜେନ୍ଦ୍ର ନାୟକ, ପ୍ରକାଶ ଚନ୍ଦ୍ର ଜେନା ମ୍ୟାଚ ପରିଚାଳନା କରିଥିଲେ। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ରାଜ୍ୟ ଯୋଜନା ବୋର୍ଡ ଉପାଧକ୍ଷ ସଞ୍ଜୟ କୁମାର ଦାସବର୍ମା, ସରପଞ୍ଚ ରବୀନ୍ଦ୍ର ନାଥ ଦାସ, ଲକ୍ଷ୍ମୀଧର ସାହୁ, ପ୍ରଭାତି ପ୍ରଧାନ, ପ୍ରଫୁଲ୍ଲ ଜେନା, ସେକ୍ ନବି, ଦିଲୀପ ରଣସିଂହ, ଟୁକୁ ମାଝୀ, ପ୍ରଦୀପ ଦାସ ପ୍ରମୁଖ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଟିମକୁ ପୁରସ୍କୃତ କରିଥିଲେ। ରବୀନ୍ଦ୍ର ନାଥ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସତ୍ୟବ୍ରତ ଦାସ ବିବରଣୀ ପ୍ରଦାନ କରିଥିଲେ।

# ଲେଣ୍ଡୋରେ ଦୋଳ ମହୋତ୍ସବ



**ନିରାକାରପୁର,୧୪(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଲେଣ୍ଡୋ ପଞ୍ଚାୟତରେ କୋଭିଡ୍ କଟକଣା ମଧ୍ୟରେ ନିରାଡ଼ମ୍ବର ଭାବେ ଦୋଳ ମହୋତ୍ସବ ପାଳିତ ହୋଇଯାଇଛି। ମହୋତ୍ସବରେ ଶ୍ରୀ ଲଡୁକେଶ୍ୱର ଦେବ, ଲଳିତାପାଟପୁର ଶ୍ରୀ ବୃନ୍ଦାବନ ଚନ୍ଦ୍ରଦେବ, ଗୋପୀନାଥ ଦେବ, ମୈତ୍ର ତ୍ରିଲୋଚନପୁର ଆଖଣ୍ଡଳମଣି ଦେବ, ଆରେଡି ରାଧାକୃଷ୍ଣ ଦେବ, କାଶୀପୁର ଭଗବତ ଦେବ, ନିରାକାରପୁର ମା ହରଚଣ୍ଡୀ, ପାଣ୍ଡବପାଟଣା କପିଳେଶ୍ୱର ଦେବ ବିମାନରେ ଆସି ଦୋଳ ମେଳଣରେ ଏକତ୍ରିତ ହୋଇଥିଲେ। କଟକଣା ଯୋଗୁ କମ୍ ସଂଖ୍ୟକ ଭକ୍ତଙ୍କୁ ନେଇ ଏହି ପର୍ବ ଅନୁଷ୍ଠିତ ହୋଇଥିଲା। ଏହି ଭାଇଚାରାର ମେଳଣ ୨୯ ତାରିଖଠାରୁ ଆରମ୍ଭ ହୋଇ ୩୧ ତାରିଖ ପର୍ଯ୍ୟନ୍ତ ଚାଲିଥିଲା।

# ଜଟଣୀରୁ ଅପହୃତ ଯୁବକ ଭୁବନେଶ୍ୱରରୁ ଉଦ୍ଧାର

**ଭୁବନେଶ୍ୱର,୧୪(ବ୍ୟୁରୋ)**

**୩ ଅପହର୍ତ୍ତା ଗିରଫ: ବାଇକ, ମୋବାଇଲ ଫୋନ ଜବତ**

ଜଟଣୀ ଥାନା କୁଦିଆରି ଅଞ୍ଚଳରୁ ୩ଦିନ ହେବ ଅପହୃତ ହୋଇ ମୁଣ୍ଡ ଜାମିନରେ ଥିବା ଜଗବନ୍ଧୁ ବାରିକଙ୍କୁ କ୍ୟାପିଟାଲ ଥାନା ପୋଲିସ ଉଦ୍ଧାର କରିଛି। ଏଥିସହ ୩ ଅପହର୍ତ୍ତାଙ୍କୁ ପୋଲିସ ନାଟକୀୟ ଢଙ୍ଗରେ ଗିରଫ କରିବା ସହ ଅପହରଣରେ ବ୍ୟବହୃତ ୨ ବାଇକ ଓ ମୋବାଇଲ ଫୋନ୍ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଜଟଣୀ ଥାନା ଅଞ୍ଚଳର ସୁବର୍ଣ୍ଣ କେଶରୀ ମହାରଥୀ ଓରଫ କାବୁ, ଶିବା ସୁନ୍ଦର ସ୍ୱାଇଁ ଓ ଡେଲାଙ୍ଗ ଥାନା ଅଞ୍ଚଳର କେଶବ ପ୍ରଧାନ ଓରଫ ଜୁବୁଲା।

ସୂଚନା ମୁତାକ, ଗତ ସୋମବାର ଜଗବନ୍ଧୁଙ୍କୁ ୩ ଅଭିଯୁକ୍ତ ବାଇକରେ ଅପହରଣ କରିବା ପରେ ଭୁବନେଶ୍ୱରର ଏକ ଅଜ୍ଞାତ ସ୍ଥାନରେ ମୁଣ୍ଡ ଜାମିନ କରି ରଖିଥିଲେ। ତାଙ୍କୁ ପ୍ରବଳ ମାଡ଼ ମାରିବା ସହ ସ୍ତ୍ରୀଙ୍କୁ ଫୋନ୍ କରି ଟଙ୍କା ଓ ସୁନା ଅଳଙ୍କାର ଦାବି କରିଥିଲେ। ଏସବୁ ନ ଦେଲେ ଜଗବନ୍ଧୁଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। କ୍ୟାପିଟାଲ ହସ୍ପିଟାଲ ପଛ ପାର୍ଶ୍ୱ ଏକ ସ୍ଥାନରେ ଟଙ୍କା ଓ ଅଳଙ୍କାର ଦେବାକୁ ତାଙ୍କ ସ୍ତ୍ରୀ ସୁଚିସ୍ମିତାଙ୍କୁ କହିଥିଲେ। ଶେଷରେ କୌଣସି ଉପାୟ ନ ପାଇ ସୁଚିସ୍ମିତା ଗତ ୩୧ ତାରିଖରେ କ୍ୟାପିଟାଲ ଥାନା ପୋଲିସକୁ ଜଣାଇଥିଲେ। ଏସ୍‌ଆଇ ସନ୍ତୋଷିନୀ ଦାସଙ୍କ ନେତୃତ୍ୱରେ ଏକ ଟିମ ଗଠନ ହୋଇଥିଲା। ୩ ଅଭିଯୁକ୍ତଙ୍କ ମୋବାଇଲ ଫୋନକୁ ଟ୍ରାକ୍ କରି ପୋଲିସ ଅଭିଯୁକ୍ତଙ୍କୁ ଧରିବା ପାଇଁ ଯୋଜନା କରିଥିଲା। ଅପହର୍ତ୍ତାଙ୍କ କହିବା ମୁତାବକ ସୁଚିସ୍ମିତା ଟଙ୍କା ଓ ସୁନା ଦେବାକୁ ଅଟୋରେ ଯାଉଥିବାବେଳେ ପୋଲିସ ଦୂରରେ ରହି ପିଛା କରିଥିଲା। କ୍ୟାପିଟାଲ ହସ୍ପିଟାଲ ପଛ ପାର୍ଶ୍ୱ ନିର୍ଦ୍ଧାରିତ ସ୍ଥାନରେ ଅଭିଯୁକ୍ତଙ୍କ ନିକଟରେ ପହଞ୍ଚିବାକ୍ଷଣି ପୋଲିସ ଚଡାଉ କରି ୩ ଅଭିଯୁକ୍ତଙ୍କୁ କାବୁ କରିବା ସହ ଜଗବନ୍ଧୁଙ୍କୁ ଉଦ୍ଧାର କରିଥିଲା। ଏ ନେଇ ପୋଲିସ ୨୦୯/୨୧ରେ ମାମଲା ରୁଜୁ କରିବା ସହ ସମସ୍ତ ଅଭିଯୁକ୍ତଙ୍କୁ ପଚରାଉଚରା ପରେ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# 'ସେବା ମନୋଭାବ ନେଇ କାର୍ଯ୍ୟ କର'

**ଖୋର୍ଦ୍ଧା ଅଫିସ/ପୁରୀ ଅଫିସ,୧୪**



ଖୋର୍ଦ୍ଧା ଏସ୍‌ପି ରାଜେକିଶୋର ଦୋରା ପରେଡ୍ ଅଭିବାଦନ ଗ୍ରହଣ କରୁଛନ୍ତି।

ଓଡ଼ିଶା ଦିବସ ସମସ୍ତ ଓଡ଼ିଆଙ୍କ ଲାଗି ଏକ ସ୍ମରଣୀୟ ଦିବସ। ଆଇନଶୃଙ୍ଖଳା, ମାଓବାଦୀ, ନକ୍ସଲ ଦମନ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ପୋଲିସ ନିଜ ଦାୟିତ୍ୱ ତୁଲାଇ ଆସୁଛି। ପୋଲିସର କାର୍ଯ୍ୟ ହେଉଛି ସେବା। ଲୋକଙ୍କ ସାଥୀ, ବନ୍ଧୁ ହୋଇ କର୍ତ୍ତବ୍ୟ ସମ୍ପାଦନ କରିବା ହେଉଛି ସେବା। ପୋଲିସ କର୍ମଚାରୀମାନେ ଏହାକୁ ନିଜ ଜୀବନରେ ବ୍ରତ ଭାବେ ଗ୍ରହଣ କରି ନିଷ୍ଠାପର ଭାବେ କାର୍ଯ୍ୟ କରିବା ଆବଶ୍ୟକ। ସେବା ମନୋଭାବ ନେଇ କାମ କଲେ ଲୋକଙ୍କ ପ୍ରିୟଭାଜନ ହୋଇପାରିବ ବୋଲି ଜିଲା ଆରକ୍ଷୀ ଅଧୀକ୍ଷକ ରାଜକିଶୋର ଦୋରା କହିଛନ୍ତି। ଓଡ଼ିଶା ପୋଲିସର ୮୬ତମ ପ୍ରତିଷ୍ଠା ଦିବସ ଅବସରରେ ଗୁରୁବାର ଖୋର୍ଦ୍ଧା ଜିଲା ପୋଲିସ ପକ୍ଷରୁ ତରତୁଆସ୍ଥିତ ପୋଲିସ ରିଜର୍ଭ ପଡିଆରେ ଆୟୋଜିତ ଜିଲାସ୍ତରୀୟ ଉତ୍ସବରେ ଏସ୍‌ପି ଦୋରା ଏହା କହିଛନ୍ତି। ପତାକା ଉତ୍ତୋଳନ ସହ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଉପଜିଲାପାଳ ଅଶୋକ ବେହୁରିଆ, ତହସିଲଦାର ପଦ୍ମଚରଣ ସାହୁ ଅତିଥିଭାବେ ଯୋଗଦେଇଥିଲେ। ଅତିରିକ୍ତ ଏସ୍‌ପି କୃଷ୍ଣଚନ୍ଦ୍ର ଜେନାଙ୍କ ସମେତ ସମସ୍ତ ଥାନାର ଅଧିକାରୀ ଏବଂ ଅବସରପ୍ରାପ୍ତ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଖୋର୍ଦ୍ଧା ଟାଉନରେ କାର୍ଯ୍ୟରତ ଏସ୍‌ଆଇ ବିଜୟ କେତନ ବେହେରା, ରିଜର୍ଭ ପୋଲିସ ଏଏସ୍‌ଆଇ ବିଶ୍ୱନାଥ ସାହୁ, ଏପିଆର କନଷ୍ଟେବଲ ହିମାଂଶୁ ସେଠୀ, ପବିତ୍ର କୁମାର ସାହୁ, ସତ୍ୟପୀର ବାରିକ, ଏପିଆର ହାବିଲଦାର ବିଦେଶୀ ନାୟକ ପ୍ରମୁଖଙ୍କୁ କାର୍ଯ୍ୟକ୍ଷେତ୍ରରେ ଉତ୍କର୍ଷ ଲାଗି ସମ୍ବର୍ଦ୍ଧିତ କରାଯାଇଥିଲା।

ପୁରୀ ପୋଲିସ ଲାଇନସ୍ଥିତ ରିଜର୍ଭ ପଡ଼ିଆରେ ଗୁରୁବାର ଜିଲାସ୍ତରୀୟ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଏସ୍‌ପି କନୱର ବିଶାଲ୍ ସିଂ ଯୋଗଦେଇ ସମ୍ମିଳିତ ପରେଡ ଅଭିବାଦନ ଗ୍ରହଣ କରିଥିଲେ। ସର୍ବଦା ଜନସାଧାରଣଙ୍କ ସେବାରେ ମନ ନିବେଶ କରିବା ପାଇଁ ପୋଲିସ ବାହିନୀକୁ ଏସ୍‌ପି ଆହ୍ୱାନ ଦେବା ସହ ଯେତେ ବାଧାବିଘ୍ନ ଆସିଲେ ବି ଦେଶ ପ୍ରତି ଉତ୍ସର୍ଗୀକୃତ ମନୋଭାବ ନେଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ କରାଯାଇଥିଲା। ଦେଶ ପାଇଁ ପ୍ରାଣବଳି ଦେଇଥିବା ଦିବଂଗତ ପୋଲିସ କର୍ମଚାରୀଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଉଲ୍ଲେଖନୀୟ ସେବା ପ୍ରଦର୍ଶନ କରିଥିବା ୪ ପୋଲିସ କର୍ମଚାରୀଙ୍କୁ ଏସ୍‌ପି ସମ୍ମାନିତ କରିଥିଲେ। ଶ୍ରେଷ୍ଠ ଏସ୍‌ଆଇ ଭାବେ ବସନ୍ତ କୁମାର ହରିଚନ୍ଦନ, ଶ୍ରେଷ୍ଠ ଏଏସ୍‌ଆଇ ମଞ୍ଜୁଲତା ଦେଇ, ଶ୍ରେଷ୍ଠ ହାବିଲଦାର ଶେଖ ଅବଦୁଲ ଉଦ୍ଦିନ, ଶ୍ରେଷ୍ଠ କନଷ୍ଟେବଳ ଭାବେ ପ୍ରଦୀପ୍ତ କୁମାର ନାଗଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ରିଜର୍ଭ ଇନ୍ସପେକ୍ଟର ଟୁନା ସାହୁ ପରିଚାଳନା କରିଥିଲେ।